
ଗ୍ରାମାଞ୍ଚଳରେ କୁକୁଡ଼ା ପାଳନ
ଉପଯୋଗୀ କୌଶଳ

ଏହି ପୁସ୍ତିକାଟି ଗାଲ୍‌ଭମେଡ୍ ସହାୟତାରେ ବିଲ୍ ଏଣ୍ଡ ମିଲିଣ୍ଡା ଗେଟସ ଫାଉଣ୍ଡେସନ୍ ଏବଂ ୟୁ.କେ.ଏଡ୍, ୟୁ.କେ. ସରକାରଙ୍କ ଆର୍ଥିକ ଅନୁଦାନରେ ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତିକାରେ ପ୍ରଦତ୍ତ ସମସ୍ତ ତଥ୍ୟ ଓ ମନ୍ତବ୍ୟ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ ମତ ଓ ଏଥିରେ ବିଲ୍ ଏଣ୍ଡ ମିଲିଣ୍ଡା ଗେଟସ ଫାଉଣ୍ଡେସନ୍ ଏବଂ ୟୁ.କେ. ସରକାରଙ୍କ ନୀତି ଓ ବିଚାର ସହ କୌଣସି ସମ୍ପର୍କ ନାହିଁ ।

କର୍ଣ୍ଣେଲ୍ ଦାସ୍

ଗୋପାଳ ତ୍ରିପାଠୀ

ପିତାମ୍ବର ଖୁସଣ୍ଡା

ବିଟ୍ ରାଇସ୍

# ସୂଚୀପତ୍ର


ମୁଖବନ୍ଧ ........................................................................... ୧

ଘର ଅଗଣାରେ କୁକୁଡା ପାଳନ ............................................................ ୪

କୁକୁଡା ପ୍ରଜାତି ...................................................................... ୬

କୁକୁଡ଼ାର ଶରୀର ଗଠନ ................................................................ ୧୦

କୁକୁଡ଼ା ପାଳନ ପଦ୍ଧତି ................................................................ ୧୨

କୁକୁଡ଼ା ପାଳନର ଆର୍ଥିକ ଦିଗ .......................................................... ୧୪

କୁକୁଡ଼ା ଘର ....................................................................... ୧୬

କୁକୁଡ଼ା ଘର ଉପକରଣ ............................................................... ୧୮

ଦେଶୀ କୁକୁଡ଼ା ଚିଆଁ ପାଳନ ............................................................ ୨୧

ଗଞ୍ଜା ଓ ପେଣ୍ଠି ପାଳିବାରେ ଅନୁପାତ ...................................................... ୨୨

କୁଡୁକି କୁକୁଡା ଦ୍ୱାରା ଅଣ୍ଡା ଉଷୁମେଇବା ................................................... ୨୨

କୁକୁଡା ଅଣ୍ଡା ଦେବା ପାଇଁ ବସାର ଆବଶ୍ୟକତା ............................................. ୨୪

ଅଣ୍ଡାର ଭୃଣ ପରୀକ୍ଷା ................................................................. ୨୪

ଖରାଦିନରେ ଅଣ୍ଡା ଉଷୁମେଇବା ପଦ୍ଧତି ..................................................... ୨୬

ଚିଆଁ ପାଳନ ....................................................................... ୨୮

କ୍ରିପ ଖାଇବା ପଦ୍ଧତି .................................................................. ୩୦

କୁକୁଡା ମାନଙ୍କୁ କଟାସ, ବିଲେଇ ଓ ଅନ୍ୟାନ୍ୟ ଶିକାରୀ ପଶୁଠାରୁ ରକ୍ଷା ..................... ୩୧

କୁକୁଡ଼ା ଖାଦ୍ୟ ...................................................................... ୩୩

କୁକୁଡା ଖାଦ୍ୟ ଉପାଦାନ .............................................................. ୩୪

କୁକୁଡା ଖାଦ୍ୟରେ ଉଈ ଉପଯୋଗ ....................................................... ୩୮

ଘର ଅଗଣାରେ ଉଈ ଉତ୍ପାଦନ .......................................................... ୩୯

ଆଜୋଲା ଚାଷ ଏବଂ ଏହା ଏକ କୁକୁଡ଼ା ଖାଦ୍ୟ ............................................. ୪୦

କୁକୁଡା ଅଣ୍ଡା ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ଚିଆଁ ସଂଖ୍ୟା ବୃଦ୍ଧି............................୪୩

କୁକୁଡା ପ୍ରଜନନ ସମ୍ବନ୍ଧରେ କିଛି ଜାଣିବା କଥା............................................୪୫

କୁକୁଡାର ରାଣୀକ୍ଷେତ ରୋଗ ବା କୁକୁଡା ମରୁଡି ......................................୪୮

ଉତ୍ତାପ ସହଣିକ (Thermotolerant) ରାଣୀକ୍ଷେତ ଟିକା...........................୫୧

କୁକୁଡ଼ା ବସନ୍ତ ବା ଫାଉଲ ପକ୍ସ.............................................................୫୬

ଧଳା ଝାଡା ବା ସାଲମୋନେଲା ରୋଗ...................................................୫୮

କୁକୁଡ଼ା କଲେରା ବା ଶାଗୁଆ ଝାଡା........................................................୫୯

ବାର୍ଡ଼ ଫ୍ଲୁ ବା ଏଭିଏନ୍ ଇନଫ୍ଲୁଏଂଜା........................................................୬୦

ଶୀତଳ ଶୃଂଖଳା ରକ୍ଷା ବା ଥଣ୍ଡା ମାଳି (Cold Chain)................................୬୨

ଭେକସିନ ବା ଟିକା ରକ୍ଷଣା ବେକ୍ଷଣ......................................................୬୬

କୁକୁଡାର ଦେହ ଉପରେ ଥିବା ପରାନ୍ନଭୋଜୀ ଏବଂ ସେମାନଙ୍କର ମୂଳପୋଛ.......୬୮

କୁକୁଡ଼ାର ଗୋଲ କୃମି..............................................................................୭୦

ଫିତାକୃମି.........................................................................................୭୧

କକ୍ସିଡିଓସିସ୍ .....................................................................................୭୨

ମରିଯାଇଥିବା କୁକୁଡାକୁ ନଷ୍ଟ କରିବା.......................................................୭୩

ଗୋଷ୍ଠି ପ୍ରାଣୀ ସହାୟକ/ସହାୟିକା ଓ ପ୍ରାଣୀ ମିତ୍ର ..........................................୭୬

ବଜାର ବ୍ୟବସ୍ଥା ଓ ମହିଳା କୁକୁଡ଼ା ଚାଷୀ ସଂଗଠନର ଆବଶ୍ୟକତା ....................୭୭

ଗ୍ରାମାଞ୍ଚଳରେ କୁକୁଡ଼ା ପାଳନ ଉପଯୋଗୀ କୌଶଳ-ପାଠ୍ୟ ଖସଡ଼ା......................୭୮

# ମୁଖବନ୍ଧ

◆ ବିଂଶତମ ଜାତୀୟ ପଶୁଗଣନା ଅନୁଯାୟୀ, ଭାରତ ବର୍ଷରେ ମୋଟ ୮୫୧.୮୧ ନିୟୁତ କୁକୁଡ଼ା ମଧ୍ୟରୁ ଘର ବାଡ଼ିରେ ଦେଶୀ କୁକୁଡ଼ା ସଂଖ୍ୟା ୩୧୭.୦୭ନିୟୁତ, ଯାହାକି ମୋଟ କୁକୁଡ଼ା ସଂଖ୍ୟାର ଶତକଡ଼ା ୩୭ ଭାଗ ।

◆ ଭାରତର ବିଭିନ୍ନ ପ୍ରଦେଶରେ ଦେଶୀ କୁକୁଡ଼ା ସଂଖ୍ୟା ମୋଟ କୁକୁଡ଼ା ସଂଖ୍ୟାର ଶତକଡ଼ା ୩୦ ରୁ ୭୦ ଭାଗ ପର୍ଯ୍ୟନ୍ତ ଦେଖାଯାଏ । ମୁଖ୍ୟତଃ, ଆଦିବାସୀ ଓ ପଛୁଆ ଅଞ୍ଚଳରେ ଦେଶୀ କୁକୁଡ଼ା ବହୁଳ ଭାବେ ଦେଖାଯାଏ ।

◆ ଭାରତରେ ଥିବା ୬୦ ନିୟୁତ ଦେଶୀ ପେଣ୍ଡି ବର୍ଷକୁ ପ୍ରାୟ ୧୦୯୦ ନିୟୁତ ପ୍ରାପ୍ତ ବୟସ୍କ କୁକୁଡ଼ା ସୃଷ୍ଟି କରିଥାନ୍ତି (ବର୍ଷରେ ଗୋଟିଏ ମାଇ କୁକୁଡ଼ା ୩୬ଟି ଚିଆଁ ଫୁଟେଇ ଥାନ୍ତି ଏବଂ ପ୍ରାୟ ୫୦ ଭାଗ ଚିଆଁ ବଢ଼ି ବଡ଼ ହୋଇଥାନ୍ତି) । ଏହି ପ୍ରାପ୍ତ ବୟସ୍କ କୁକୁଡ଼ା ମାନଙ୍କ ଠାରୁ ପାଖାପାଖି ୧୬୩୪ ନିୟୁତ କି.ଗ୍ରା. ଅର୍ଥାତ୍ ୧୦୮୯ ହଜାର ମେଟ୍ରିକ୍ ଟନ୍ ମାଂସ ଉତ୍ପାଦନ ହୋଇଥାଏ ।

◆ ଘର ବାଡ଼ିରେ ଥିବା ଦେଶୀ କୁକୁଡ଼ା ଭାରତରେ ଉତ୍ପାଦନ ହେଉଥିବା ମୋଟ ଅଣ୍ଡାର ଶତକଡ଼ା ୨୯ ଭାଗ ଅଣ୍ଡା ଉତ୍ପାଦନ କରିଥାନ୍ତି । କିନ୍ତୁ ଦେଶୀ କୁକୁଡ଼ା ଅଣ୍ଡା ମୁଖ୍ୟତଃ, ଚିଆଁ ଫୁଟେଇବାରେ ବ୍ୟବହାର ହୋଇଥାଏ ଓ ଶତକଡ଼ା ୧-୨ ଭାଗ ଅଣ୍ଡା ଖାଇବା ପାଇଁ ବ୍ୟବହାର ହୋଇଥାଏ ।

◆ ସାଧାରଣତଃ, ଦେଶୀ କୁକୁଡ଼ା ଅଣ୍ଡା ଚିଆଁ ଫୁଟେଇବାରେ ବ୍ୟବହାର ହେଉଥିବାରୁ, ମାଂସ ଉତ୍ପାଦନ ମୂଳ ଲକ୍ଷ୍ୟ ଅଟେ । କେବଳ ଖରା ଦିନରେ, କିଛି ଅଣ୍ଡା ବିକ୍ରି ଅବା ଖାଇଥାନ୍ତି । ଅଣ୍ଡାକୁ ମାଇ କୁକୁଡ଼ା ଦ୍ୱାରା ଉଷୁମେଇ, ଚିଆଁ ଫୁଟେଇ ଓ ଚିଆଁର ଯତ୍ନ ନେଇ ବଡ଼ କରେଇ ଥାନ୍ତି । ସେହି ପ୍ରାପ୍ତ ବୟସ୍କ କୁକୁଡ଼ାର ମାଂସକୁ ଘରେ ଖାଇଥାନ୍ତି ଏବଂ ବଳକା ହେଲେ ବିକ୍ରୟ କରିଥାନ୍ତି ।

◆ ରାଣୀକ୍ଷେତ ରୋଗ କିମ୍ବା ନିୟୁ କାଶେଲ୍ ରୋଗ ଏକ ଭୂତାଣୁ ଜନିତ ମାରାତ୍ମକ ରୋଗ ଏବଂ ଗାଁରେ ବର୍ଷତମାମ୍ ଏହି ରୋଗ ଦେଖାଯିବାର ସମ୍ଭାବନା ଥାଏ । ଏହି ରୋଗରେ ଆକ୍ରାନ୍ତ ହେଲେ, ଶତକଡ଼ା ୭୦-୯୦ ଭାଗ କୁକୁଡ଼ା ମୃତ୍ୟୁ ହେବାର ସମ୍ଭାବନା ଥାଏ ।

◆ ନିୟମିତ ଟିକାକରଣ ମାଧ୍ୟମରେ ରାଣୀକ୍ଷେତ ରୋଗକୁ ଦମନ କରିହେବ । ଏହି ରୋଗର ଟିକା ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ପ୍ରସ୍ତୁତ ହେଉଅଛି । ବିଭିନ୍ନ ରିପୋର୍ଟ ଅନୁଯାୟୀ, ଏହି ରୋଗ ପ୍ରତିଷେଧକ ଟିକା କରଣ ଦ୍ୱାରା, କୁକୁଡ଼ା ସଂଖ୍ୟା ଶତକଡ଼ା ୬୦୦-୮୦୦ ଭାଗ ବୃଦ୍ଧି

ହୋଇପାରିଛି । ସୁତରାଂ, କୁକୁଡ଼ା ମାନଙ୍କୁ ରାଣୀକ୍ଷେତ ରୋଗ ଟିକାକରଣ କଲେ ଏହାର ସିଧାସଳଖ ସୁପ୍ରଭାବ କୁକୁଡ଼ା ପାଳୁଥିବା ଗରିବ ଶ୍ରେଣୀ ଲୋକଙ୍କ ଜୀବିକା ଓ ଆୟରେ ପଡ଼ିଥାଏ ।

◆ ଗାଁ ଗହଳିରେ, ଚିଆଁ ମୃତ୍ୟୁ ଅଧିକା ଦେଖାଯାଏ । ସାଧାରଣତଃ, ୪୦ – ୬୦ ଭାଗ ଚିଆଁ ପ୍ରତି ଥାକରେ ମରିଯାଇଥାନ୍ତି । ଏକ ମାସ ବୟସର ଚିଆଁ ବେଶୀ ମରିଥାନ୍ତି ଏବଂ ୨ ମାସ ବୟସରେ କିଛି ମାତ୍ରାରେ ମରିଥାନ୍ତି । ଏହି କୁକୁଡ଼ା ଚିଆଁ ମାନେ ସାଧାରଣତଃ ଧଳା ଝାଡ଼ା, କୁକୁଡ଼ା ବସନ୍ତ ରୋଗରେ କିମ୍ବା ବନ୍ୟଜନ୍ତୁ ଓ ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି ।

◆ ବହୁ ଅଞ୍ଚଳରେ ଛୋଟ ଚିଆଁ ମାନେ ବନ୍ୟଜନ୍ତୁଙ୍କ ଶିକାର ହୋଇଥାନ୍ତି ଏବଂ ଏହା ଏକ ମୁଖ୍ୟ ସମସ୍ୟା ।

◆ କେତେକ ରାଜ୍ୟରେ, ଭୂତାଣୁ ଜନିତ ବାର୍ଡ଼ଫ୍ଲୁ ରୋଗଦ୍ୱାରା ମଧ୍ୟ କୁକୁଡ଼ା ମାନେ ମରିଥାନ୍ତି । ଏହି ରୋଗରେ ଆକ୍ରାନ୍ତ ହେଲେ, ସାଧାରଣତଃ ସବୁ କୁକୁଡ଼ା ମରିଯାନ୍ତି ଏବଂ କୁକୁଡ଼ା ପାଳୁଥିବା ଗରିବ ଲୋକମାନଙ୍କ ଜୀବିକା ୨–୩ ବର୍ଷ ପର୍ଯ୍ୟନ୍ତ ପ୍ରଭାବିତ ହୋଇଥାଏ । ଏଣୁ ବାର୍ଡ଼ ଫ୍ଲୁ ରୋଗ ଟିକା ଉତ୍ପାଦନ କରି ପ୍ରତିଷେଧକ ବ୍ୟବସ୍ଥା ନିହାତି ଆବଶ୍ୟକ ।

◆ ଯେହେତୁ, ଦେଶୀ କୁକୁଡ଼ା ସଂଖ୍ୟା ମୋଟ କୁକୁଡ଼ା ସଂଖ୍ୟାର ପ୍ରାୟ ୩୦ ଭାଗ, ଦେଶି କୁକୁଡ଼ା ଓ ପରିବେଶ ସନ୍ତୁଳନ ବିଷୟରେ ଅଧିକ ଗବେଷଣା ଆବଶ୍ୟକ । ଖାଲି ବିଦେଶୀ ପ୍ରଜାତି ପାଇଁ ପ୍ରୋତ୍ସାହନ ନ ଦେଇ ଦେଶୀ କୁକୁଡ଼ାର ଉନ୍ନତି ପାଇଁ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।

◆ ପରୀକ୍ଷା ମାଧ୍ୟମରେ ଏହା ପ୍ରମାଣ ହୋଇପାରିଛିଯେ, ପ୍ରଜେଷ୍ଟ୍ରୋଜେନ୍ ଏବଂ ଓସ୍ଟ୍ରୋଜେନ ଟାବଲେଟ୍ ଗୁଡ଼ିକ କୁଡ଼କି ମାଈ କୁକୁଡ଼ାକୁ ଦେଲେ, କିଛି ଦିନ ମଧ୍ୟରେ ମାଈ କୁକୁଡ଼ା ଅଣ୍ଡା ଦେବା ଆରମ୍ଭ କରିଥାଏ । ଏହାର ବ୍ୟବହାର ଅତି ସହଜ ଏବଂ ଗାଁ ଗହଳିରେ ପରୀକ୍ଷା କରାଯାଇଛି । ଏହି ଚିକିତ୍ସା ମାଧ୍ୟମରେ କୁକୁଡ଼ା ମଡ଼କ ପରେ ଅଳ୍ପ ସମୟ ମଧ୍ୟରେ କୁକୁଡ଼ା ସଂଖ୍ୟା ବୃଦ୍ଧି ସମ୍ଭବ ହୋଇପାରିବ ।

◆ ହେକ୍ସଟର ବାୟୋସାଇନ୍ସ କମ୍ପାନୀ, ଅହମଦାବାଦ୍ ବେଲାଭକାରୀ ସଂସ୍ଥା ଗ୍ଲୋବାଲ୍ ଆଲାଏନ୍ସ ଫର୍ ଲାଇଭ୍ଷ୍ଟକ୍ ଭେଟେରିନାରୀ ମେଡିସିନ୍ – ଗାଲଭମେଡ, ଏଡ଼ନବର୍ଗର ବୈଷୟିକ ସହଯୋଗରେ କୁକୁଡାର ରାଣୀକ୍ଷେତ ରୋଗର ନିରାକରଣ ପାଇଁ ଏକ ବାହ୍ୟ ଉତ୍ତାପ ସହଣିକ (Thermo-tolerant) ରାଣୀକ୍ଷେତ ଟିକା ତିଆରି କରି ବଜାରରେ ବିକ୍ରି କରୁଛନ୍ତି । ଏହି ଟିକା ଆଖିରେ ୧ ବୁନ୍ଦା ପକାଯାଇଥାଏ ଏବଂ ଏହା ଫଳପ୍ରଦ ଅଟେ । ଭବିଷ୍ୟତରେ ଏହି ଟିକାକରଣ ମାଧ୍ୟମରେ ଦେଶୀ କୁକୁଡ଼ାଙ୍କ ରାଣୀକ୍ଷେତ ରୋଗ ଦମନ କରାଯାଇପାରିବ ।

- ହରମୋନ୍ ଚିକିତ୍ସା ଦ୍ୱାରା ୧-୨ ଗୋଟି ଅଧିକ ମୁଥ ବର୍ଷରେ ସମ୍ଭବ ହୋଇପାରିବ । ଏଥିସହ ବାହ୍ୟ ଉତ୍ତାପ ସହଣିକ ଲାସୋଟା ଟିକାକରଣ ନିୟମିତ ଭାବେ ଦେଇ ଦେଶୀ କୁକୁଡ଼ା ଉନ୍ନତିକରଣ ହୋଇପାରିବ ବୋଲି ଆଶା ।

- କୁକୁଡ଼ା ବସନ୍ତ ଓ ରାଣୀକ୍ଷେତ ରୋଗ ଟିକା ସବୁ ସମୟରେ ଗ୍ରାମାଞ୍ଚଳର ଔଷଧ ଦୋକାନରେ ଉପଲବ୍ଧ ନ ହେବା ରୋଗ ନିରାକରଣ ପାଇଁ ମୁଖ୍ୟ ପ୍ରତିବନ୍ଧକ ଅଟେ ।

- ବିଭିନ୍ନ ରଙ୍ଗର ଦେଶୀ କୁକୁଡ଼ା ଗାଁରେ ସାମାଜିକ ଏବଂ ଧାର୍ମିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । କୁକୁଡ଼ା ଆଦିବାସୀ ପରିବାରର ସଂସ୍କୃତି, ପରମ୍ପରା ଓ ଅର୍ଥନୀତି ସହ ଜଡ଼ିତ ।

- ଗାଁରେ କୁକୁଡ଼ା ପାଳୁଥିବା ଗରିବ ଶ୍ରେଣୀ ଲୋକମାନେ ସେମାନଙ୍କ କୁକୁଡ଼ା ୫-୬ ମାସ ଭିତରେ ଅଣ୍ଡା ଦେବା ଆଶା କରନ୍ତି । ଗୋଟିଏ ମୁଥରେ ୨୦-୨୨ ଟି ଅଣ୍ଡା ଏବଂ ବର୍ଷରେ ଏପରି ୪ ଟି ମୁଥ ହେବା ଉଚିତ୍ । ମାଈ କୁକୁଡ଼ା (ପେଣ୍ଠି) କୁଡ଼କି ହୋଇ ଅଣ୍ଡା ଉଷୁମେଇବା ଏବଂ ପ୍ରାୟ ୮୫-୯୦ ପ୍ରତିଶତ ଅଣ୍ଡାରୁ ଚିଆଁ ଫୁଟେଇପାରିବା କ୍ଷମତା ଥିବା ଆବଶ୍ୟକ । ବାହାରେ ଚରିବୁଲି ଖାଦ୍ୟ ସଂଗ୍ରହ କରି ୧ ବର୍ଷ ବୟସ ବେଳକୁ ମାଈ କୁକୁଡ଼ା ୨ କି.ଗ୍ରା. ଏବଂ ଗଞ୍ଜା ଅଢେଇରୁ ୩ କି.ଗ୍ରା. ଓଜନ ହେବା ଉଚିତ୍ । ଏହା କେବଳ ଉତ୍ତମ ପରିପାଳନ ଦ୍ୱାରା ସମ୍ଭବ ଅଟେ ।

- ଓଡ଼ିଶାରେ ଦେଖାଯାଉଥିବା ଭେଜାଗୁଡ଼ା କୁକୁଡ଼ା ପ୍ରଜାତି ଗୋଟିଏ ମୁଥରେ ୨୦-୨୨ ଟି ଅଣ୍ଡା ଦେଇଥାଏ । ଏହି ପ୍ରଜାତିର କୁକୁଡ଼ା ପଲରୁ ଭଲ ପେଣ୍ଠି ଓ ଗଞ୍ଜା ବାଛି ପ୍ରଜନନ କରି ଅଧିକା ଅଣ୍ଡା ପାଇପାରିବା ।

- ଓଡ଼ିଶାରେ ଦେଖାଯାଉଥିବା ହାନସଲି ଓ ଭେଜାଗୁଡ଼ା କୁକୁଡ଼ା ପ୍ରଜାତି ଖୁବ୍ ଶୀଘ୍ର ବଢ଼ି ପାରନ୍ତି ଏବଂ ଅଧିକ ଓଜନିଆ ହୋଇଥାନ୍ତି । ଏହି ଉତ୍ପାଦନକ୍ଷମ ଓ ଶୀଘ୍ର ବଢି ପାରୁଥିବା କୁକୁଡ଼ା ପ୍ରଜାତି ଗୁଡ଼ିକ ପ୍ରଜନନ ବିଶେଷଜ୍ଞଙ୍କ ଦ୍ୱାରା ଉନ୍ନତିକରଣ କରିବା ଆବଶ୍ୟକତା ରହିଛି ।

# ଘର ଅଗଣାରେ କୁକୁଡା ପାଳନ

ଅଧିକାଂଶ ପରିବାର ତଥା ଗରିବ ଶ୍ରେଣୀ ଲୋକ ମାନେ ଘରେ କୁକୁଡା ପାଳନ କରନ୍ତି । ସାଧାରଣତଃ ଗୋଟିଏ ପରିବାର ୧୦ଟିରୁ ୨୦ ଗୋଟି କୁକୁଡ଼ା ପାଳିଥାନ୍ତି । ଘର ଚାରିପାଖରେ ଥିବା କୁକୁଡ଼ା ଚରିବା ପାଇଁ ଜାଗା ଏବଂ ଖାଦ୍ୟର ଉପଲବ୍ଧିକୁ ନେଇ ଲୋକମାନେ କୁକୁଡ଼ା ସଂଖ୍ୟା ସ୍ଥିର କରିଥାନ୍ତି । କିଛି ଗାଁରେ ୩୦ରୁ ୧୦୦ ପ୍ରତିଶତ ପରିବାର କୁକୁଡା ପାଳନ କରିଥାନ୍ତି । ବର୍ଷା ଋତୁ ଆରମ୍ଭରେ ଅଧିକାଂଶ ପରିବାର କୁକୁଡା ବିକି ଦିଅନ୍ତି ଏବଂ ୨ ରୁ ୫ ମାଇ କୁକୁଡା ରଖିଥାନ୍ତି । ଚାଷ କାମ ସରିଲା ପରେ ଶୀତଦିନ ଠାରୁ ଅଣ୍ଡା ବସେଇ ଚିଁଆ ଫୁଟେଇବା ଆରମ୍ଭ ହୁଏ ଏବଂ ଏପ୍ରିଲ ମାସ ସୁଦ୍ଧା କୁକୁଡା ସଂଖ୍ୟା ବେଶ୍ ବଢିଯାଇଥାଏ ।

## ପାରମ୍ପାରିକ ଖୋଲା ଅଗଣାରେ କୁକୁଡ଼ା ପାଳନ



- ଅଧିକାଂଶ ଗରିବ ଲୋକଙ୍କୁ କୁକୁଡା ପାଳନର ସାଧାରଣ ଜ୍ଞାନ କୌଶଳ ଜଣା ।
- କୁକୁଡା ପାଳନ ଭାରି ଲାଭ ଜନକ ।
- କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀର କୁକୁଡା ପାଳନ ଏକ ଉପଜୀବିକା ।
- ଏଥିରେ କମ୍ ପୁଞ୍ଜି ଆବଶ୍ୟକ ହୋଇଥାଏ ।
- କୁକୁଡା ଅତି କମ ସମୟରେ ବଢିଯାଇଥାନ୍ତି, ଏବଂ କମ ପରିଶ୍ରମରେ ନିଶ୍ଚିତ ଆୟ ଯୋଗାଇଥାଏ ।

- କୁକୁଡ଼ା ପାଳନ ପରିବାରର ଆୟରେ ଯଥେଷ୍ଟ ସହାୟକ ହୋଇଥାଏ ।
- ନିଜ ଘରେ ବିଭିନ୍ନ ପର୍ବ ପର୍ବାଣୀରେ, ବିଭାଘର, ବଂଧୁବାନ୍ଧବ ଚର୍ଚ୍ଚା, ଘରର ଗର୍ଭବତୀ ମାଁ ଓ ପିଲାମାନଙ୍କୁ କୁକୁଡା ଉନ୍ନତ ପୁଷ୍ଟିକର ଖାଦ୍ୟ ଯୋଗାଇ ଥାଏ ।
- ଦେଶୀ କୁକୁଡ଼ା ସାମାଜିକ ଓ ଧାର୍ମିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ ।
- କୁକୁଡ଼ା ପାଳନ ପରିବାରର ଆୟ ଉପାର୍ଜନରେ ସହାୟକ ହୋଇଥାଏ ।
- ଗାଁ ଗହଳିରେ କୁକୁଡ଼ା ପାଳୁଥିବା ଲୋକେ ନିଜର ମାଂସ  ଚାହିଦା ପୁର୍ଣ୍ଣ ହେବା ପରେ ବଳକା କୁକୁଡା ବିକ୍ରୟ କରିଥାନ୍ତି ।
- କୁକୁଡା ଅନ୍ୟ ଗୃହ ପାଳିତ ପଶୁ ତୁଳନାରେ କମ୍ ଖାଏ । ଚରିବୁଲି ନିଜର ଖାଦ୍ୟ ସଂଗ୍ରହ କରେ । ରୋଷେଇ ଘର ବଳକା ଖାଦ୍ୟ କୁକୁଡା ଖାଦ୍ୟରେ ବ୍ୟବହାର ହେଇଥାଏ ।
- ପରିବାରର ମହିଳା ମାନଙ୍କର ବଳକା ସମୟ କୁକୁଡା ପାଳନରେ ଉପଯୋଗ ହୋଇଥାଏ ।
- କୁକୁଡା ଘର ଚାରିପାଖରେ ଥିବା ଉଈ, କିଟ ପତଙ୍ଗ ମାନଙ୍କୁ ଖାଇ ସେମାନଙ୍କ ବଂଶବୃଦ୍ଧି ରୋକିଥାଏ ।
- ମହିଳାମାନେ କୁକୁଡା ବିକ୍ରିରୁ ପାଇଥିବା ଟଙ୍କା ପିଲାଙ୍କର ପଢ଼ା ଖର୍ଚ୍ଚରେ ବ୍ୟବହାର କରନ୍ତି ଅଥବା ହଠାତ ଦରକାର ସମୟରେ ଲଗାଇଥାନ୍ତି ।
- କେତେକ ସ୍ଥାନରେ କୁକୁଡା ଲଢ଼େଇ ଲୋକଙ୍କର ଆମୋଦ ପ୍ରମୋଦ ଦେଇଥାଏ  ।
- ଗରିବ ପରିବାର ଯେକୌଣସି ସମୟରେ କୁକୁଡ଼ା ବିକ୍ରି କରି ପଇସା ପାଇପାରିଥାନ୍ତି ।
- କୁକୁଡା ମଳ ଚାଷ ଜମିରେ ଖତ ରୂପେ ବ୍ୟବହାର ହୁଏ ।

# କୁକୁଡା ପ୍ରଜାତି

ଭାରତରେ କିଛି ବିଦେଶୀ କୁକୁଡ଼ା ପ୍ରଜାତି ଓ ବହୁ ଦେଶୀ ପ୍ରଜାତି କୁକୁଡ଼ା ଦେଖାଯାଏ ।

## ବିଦେଶୀ ପ୍ରଜାତି କୁକୁଡା:

### ଲେଗହର୍ଣ୍ଣ :

ଏହା ଏକ ବିଦେଶୀ କିଷମ କୁକୁଡା । ବିଭିନ୍ନ କିଷମର ଲେଗହର୍ଣ୍ଣ କୁକୁଡାମାନଙ୍କ ମଧ୍ୟରୁ ଧଳା ଲେଗହର୍ଣ୍ଣ ଓ ବାଦାମୀ ଲେଗହର୍ଣ୍ଣ ପ୍ରଧାନ । ଧଳା ଲେଗହର୍ଣ୍ଣ ଅଧିକ ଅଣ୍ଡା ଉତ୍ପାଦନ ପାଇଁ ଅନ୍ୟତମ । ଆଜିକାଲି ଯେଉଁ ଅତି ଉନ୍ନତ ଅଣ୍ଡାଦିଆ କୁକୁଡା ମିଳୁଛି ସମସ୍ତେ ଏହି ଧଳା ଲେଗହର୍ଣ୍ଣ କୁକୁଡାରୁ ସୃଷ୍ଟି । ଏମାନେ ଏକକ ଚୂଳ ବିଶିଷ୍ଟ, କର୍ଣ୍ଣପାଳି ଧଳା ଏବଂ ଓଜନ କମ । ଧଳା ଲେଗହର୍ଣ୍ଣ କୁକୁଡା ଧଳା ଅଣ୍ଡା ଦିଅନ୍ତି । ଗୋଟିଏ ମାଈ କୁକୁଡା ବର୍ଷରେ ୩୦୫ - ୩୦୭ ଅଣ୍ଡା ଦିଏ ଏବଂ ପ୍ରାପ୍ତ ବୟସ୍କ କୁକୁଡ଼ା ଦିନକୁ ୧୨୦ଗ୍ରାମ ସନ୍ତୁଳିତ ଦାନା ଖାଏ ।



## ରୋଡଆଇଲ୍ୟାଣ୍ଡ ରେଡ (ଆର. ଆଇ. ଆର) :

ଏହା ମଧ୍ୟ ଏକ ବିଦେଶୀ କିଷମ କୁକୁଡା । ଏମାନଙ୍କର ରଙ୍ଗ ଲାଲ, ଗୋଡ ହଳଦିଆ । ପେଣ୍ଠିର ଓଜନ ୨.୫ କି.ଗ୍ରା. ଏବଂ ଗଞ୍ଜାର ଓଜନ ୨.୫ ଠାରୁ ୩.୦ କିଗ୍ରା ହୋଇଥାଏ । ପେଣ୍ଠିମାନଙ୍କର ବାର୍ଷିକ ଅଣ୍ଡା ଦେବା କ୍ଷମତା ୨୩୦-୨୫୦ ଗୋଟି । ଏମାନଙ୍କର ଚୂଳ ଗୋଟିଏ ଓ ଗୋଲାପି ରଙ୍ଗ, କର୍ଣ୍ଣପାଳି ଲାଲ । ଏମାନେ ଫିକାଲାଲ ରଙ୍ଗର ଅଣ୍ଡା ଦିଅନ୍ତି ।

## ବ୍ରଏଲର କିଷମ କୁକୁଡା:

ଏହି ଜାତିର କୁକୁଡା କେବଳ ମାଂସ ପାଇଁ ତିଆରି ହେଇଛି । ଆମ ଭାରତୀୟ କୁକୁଡାରୁ ବିଦେଶରେ ନାଲି କର୍ଣ୍ଣୀସ ନାମକ ଗୋଟିଏ ମାଂସାଳି କୁକୁଡାରୁ ଉତ୍ପନ୍ନ ହୋଇଛି ଏବଂ ଏଥିରୁ ବିଭିନ୍ନ ବ୍ରଏଲର କୁକୁଡା ପ୍ରଜାତିର ଜନ୍ମ । ବଡବଡ ବିଦେଶୀ କମ୍ପାନି ଭାରତରେ ଉତ୍କୃଷ୍ଟ ଧରଣର ବ୍ରଏଲର କୁକୁଡ଼ା ଚିଆଁ ବିକ୍ରି କରନ୍ତି । ଗୋଟିଏ ବ୍ରଏଲର କୁକୁଡା ୩୫ ଦିନରେ ୧.୫କେଜି ଓଜନ ହେଇଥାଏ ।

## ଅସିଲ :




ଏହା ଭାରତୀୟ କୁକୁଡା । ଏହି ପ୍ରଜାତିର କୁକୁଡାମାନେ ମୂଖ୍ୟତଃ ଆନ୍ଧ୍ରପ୍ରଦେଶରେ ଦେଖାଯାନ୍ତି । ଓଡିଶାର ରାୟଗଡାରେ ମଧ ମିଳନ୍ତି । ଏମାନେ ସାଧାରଣତଃ କୁକୁଡା ଲଢ଼େଇ ପାଇଁ ବିଖ୍ୟାତ । ଏମାନଙ୍କର ମୁହଁ ଲମ୍ବା, ବେକ ମୋଟା, ଛାତି ଚଉଡା, ନଳି ଗୋଡ ଖୁବ ଶକ୍ତ ଓ ଲମ୍ବା । ଦେହର ପକ୍ଷଗୁଡିକ ଢିଲାଳିଆ, ଦେହର ପର ବିଭିନ୍ନ ରଙ୍ଗର । କର୍ଣ୍ଣପାଳି ଲାଲ, ଚର୍ମର ରଙ୍ଗ ହଳଦିଆ । ଏମାନଙ୍କର ମାଂସ ସୁସ୍ୱାଦୁ, ବୟସ୍କ ପେଣ୍ଠିମାନଙ୍କର ଓଜନ ୨-୩ କିଲୋ ଓ ଗଞ୍ଜାମାନଙ୍କର ଓଜନ ୩-୪ କିଲୋ । ଏମାନେ ଫିକାଲାଲ ଅଣ୍ଡା ଦିଅନ୍ତି ଓ ଥରକୁ ୭ ରୁ ୧୨ ଅଣ୍ଡା ଦିଅନ୍ତି, ଏମିତି ବର୍ଷକୁ ୨ ଥର ଦିଅନ୍ତି ।




## ଖୁଦ ଜୋଉରିଆ :

ଏହି କୁକୁଡା କିଷମ ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାରେ ଦେଖାଯାନ୍ତି । ଏହା ଅତି ଛୋଟ, ମାଇ

କୁକୁଡା ୭୦୦ଗ୍ରାମ ରୁ ୧.୨ କିଗ୍ରା ଓଜନ ଏବଂ ଗଞ୍ଜା ୧.୫-୧.୮କି.ଗ୍ରା. ଓଜନ ହୋଇଥାଏ । ମାଈ କୁକୁଡା ୫ମାସ ବୟସରୁ ଅଣ୍ଡାଦିଏ । ଗୋଟିଏ ଥାକରେ ୧୨-୧୫ ଟି ଅଣ୍ଡା ଦେଇ ଚିଆଁ ଫୁଟେଇଥାଏ, ପ୍ରାୟ ୯୦ % ଚିଆଁ ବଞ୍ଚନ୍ତି ବୋଲି ମହିଳାମାନେ କହନ୍ତି । ବର୍ଷରେ ଖୁଦଜୋଉରିଆ ମାଈ କୁକୁଡ଼ା ୪ଥର ଅଣ୍ଡା ଦେଇଥାନ୍ତି ।

## ଭେଜାଗୁଡା :

ଭେଜାଗୁଡା ପ୍ରଜାତିର କୁକୁଡା କୋରାପୁଟ ଜିଲ୍ଲାର ଜୟପୁର, କୁନ୍ଦ୍ରା, ବୈପାରିଗୁଡା, କୋଟପାଡ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାରେ ବହୁଳ ମାତ୍ରାରେ ପାଳନ କରିଥାନ୍ତି । ଏମାନଙ୍କର ଆକାର ସାଧାରଣ ଦେଶୀ କୁକୁଡାଙ୍କଠାରୁ ବଡ଼ ଓ ଅଧିକ ଓଜନିଆ । ପ୍ରାପ୍ତ ବୟସ୍କ ମାଈ କୁକୁଡା ୫ ମାସ ବୟସରେ ୧.୩ କି.ଗ୍ରା. ଏବଂ ଗଂଜା କୁକୁଡ଼ା ୫ ମାସ ବୟସରେ ୨.୦ କି.ଗ୍ରା. ହୋଇଥାଏ । ବିଭିନ୍ନ ରଙ୍ଗ ଚିତ୍ରାବିଚିତ୍ରା ଯଥା କଳା, ନାଲି ମିଶା, ଗାଢ ନାଲି, କଳା ଓ ସିଲଟ ରଙ୍ଗ ହୋଇଥାଏ । ସାଧାରଣତଃ ମଟର ଚୂଳ (କେତେକ ଜାଗାରେ ଏକ ଚୂଳ) ଦେଖିବାକୁ ମିଳେ । ଚମତ୍କାର ରଙ୍ଗ ଧଳା, ନଳୀ ଗୋଡ ଲମ୍ବା ଓ ମଜବୁତ । ଗୋଡ଼ ଏବଂ ପାଦର ଆଙ୍ଗୁଠି ଗୁଡ଼ିକରେ ପର ନଥାଏ । କର୍ଣ୍ଣପାଳି ଲାଲ, ବୟସ୍କ ପେଣ୍ଠିଙ୍କର ଓଜନ ୨-୩ କିଲୋ ଓ ଗଞ୍ଜାର ଓଜନ ୩ ରୁ ସାଢେ ୩ କିଲୋ ହୋଇଥାଏ । ମାଂସ ସୁସ୍ୱାଦୁ ଅଟେ । ଗୋଟିଏ ମୁଥରେ ୧୨-୧୫ ଟି ଅଣ୍ଡା ଦିଅନ୍ତି । କିଛି ମାଈ ୨୨ଟି ଅଣ୍ଡା ଦେଇ ୨୦ଛୁଆ ଫୁଟେଇଥାନ୍ତି । ଏମାନେ ବର୍ଷକୁ ୩ ମୁଥରେ ଅଣ୍ଡା ଦେଇଥାନ୍ତି ଓ ଏହାର ମାଂସ ଆଦୃତ ଅଟେ । ଏମାନଙ୍କର ଅଣ୍ଡା ରଙ୍ଗ ଫିକାଳିଆ ଲାଲ ।

## କଳାହାଣ୍ଡି :

ଏହି ପ୍ରଜାତିର କୁକୁଡା, କଳାହାଣ୍ଡି ଜିଲ୍ଲାର ଧର୍ମଗଡ, କୋକଶରା, ଅମ୍ବାପାନି ଓ ଭବାନୀପାଟଣା, ରାୟଗଡାର କାଶିପୁର ଓ ନବରଙ୍ଗପୁର ଅଂଚଳରେ ଦେଖିବାକୁ ମିଳନ୍ତି । ଏମାନଙ୍କର ଆକାର ଛୋଟ ଏବଂ ବୟସ୍କ ପେଣ୍ଠିର ଓଜନ ୭୦୦ ଗ୍ରାମରୁ ୮୦୦ ଗ୍ରାମ ଓ ଗଞ୍ଜାର ଓଜନ ପ୍ରାୟ ଏକ କିଲୋ ହୋଇଥାଏ । ଏମାନେ ଏକ ଚୂଳିଆ, କର୍ଣ୍ଣପାଳି ଧଳା, କଳା ଧଳା ଲାଲ ପ୍ରଭୃତି ରଙ୍ଗ ବେରଙ୍ଗ ପର, ନଳୀଗୋଡ ଛୋଟ, ଚର୍ମର ରଙ୍ଗ ହଳଦିଆଂଶିଆ କଳା ବର୍ଣ୍ଣଯୁକ୍ତ । ସାଧାରଣତଃ ନାଲିଦେହ, ପେଟ ଏବଂ ପୁଛ କଳା । ଗୋଟିଏ ମୁଥରେ ଏମାନେ ୧୨-୧୮ଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି । ଏହିପରି ବର୍ଷକୁ ୪ମୁଥରେ ଅଣ୍ଡା ଦିଅନ୍ତି । ଅଣ୍ଡାର ଆକାର ଓ ଓଜନ ଖୁବ ଛୋଟ, ପ୍ରାୟ ୨୫ ଗ୍ରାମ ଓ ମାଂସ ସୁସ୍ୱାଦୁ ।

## ହାଂସଲି :

ଏହି କୁକୁଡା କିଷମ ମୟୁରଭଞ୍ଜରେ ମିଳେ । ଏହା ଏକ ଉତ୍କୃଷ୍ଟ ଧରଣର କୁକୁଡା । ଏହା ନାଲିଆ, କଳା, ହଳଦିଆ କଳା ମିଶା ଏବଂ ଥରେ ଥରେ ଧଳା ପରମଧ୍ୟ ଦେଖାଯାଏ । ଏହାର ଚୂଳ ମଟର

ବା ପି-କୁମ୍ବ କୁହାଯାଏ । ଏହାର ଥଣ୍ଟ ଉପରୁ ଅର୍ଦ୍ଧାଗୋଲାକାର ଏବଂ ଗୋଡ଼ ଗୁଡିକ ଶକ୍ତ ଓ ମଜବୁତ ଅଟେ ।

ହାଂସଲି ଚିଆଁ ଶିଘ୍ର ବଢନ୍ତି ଏବଂ କିଛି ଚିଁଆ ଅବସ୍ଥାରେ କମ୍ ପର ଦେଖିବାକୁ ମିଳେ । ଏହା ୧୦-୧୫ ଟି ଅଣ୍ଡା ଗୋଟିଏ ମୁଥରେ ଦିଏ । ଏଥିରେ ଅଣ୍ଡିରା ଛୁଆ ୫ମାସ ବୟସର ୨.୫ କେଜି ବିଶିଷ୍ଟ ହେଇଥାନ୍ତି । ମୟୁରଭଞ୍ଜ ଜିଲ୍ଲାରେ ଆଦିବାସୀ ମାନେ ହାଂସଲି ଗଞ୍ଜା କୁକୁଡାକୁ ଲଢ଼େଇରେ ଲଗେଇଥାନ୍ତି । ମୟୁରଭଞ୍ଜ ଜିଲ୍ଲାର ଆଦିବାସୀ ମାନେ ଏହି କୁକୁଡ଼ା ପ୍ରଜାତି ସୃଷ୍ଟି କରିଛନ୍ତି ।



# କୁକୁଡ଼ାର ବାହ୍ୟ ଶରୀର ଗଠନ

❍ କୁକୁଡା ଗୋଟିଏ ଉଷ୍ଣ ରକ୍ତବାହି ଜୀବ, ଶରୀର ପରଦ୍ୱାର ଆଚ୍ଛାଦିତ, ନଳୀଗୋଡରେ ଏବଂ ଆଙ୍ଗୁଠିରେ ନଖ ଥାଏ । ଶରୀର ବର୍ତ୍ତୁଳ (କମ୍ପାକ୍ଟ) ଓ ହାଡ଼ ହାଲୁକା ହେବା ସଂଗେ ଉତ୍ତମ ବର୍ଦ୍ଧିତ ଡେଣା ଓ ଲମ୍ବା ନଳୀ ଗୋଡ ରହିଥାଏ ।

❍ ଏମାନଙ୍କର ଶରୀରର ବାହ୍ୟାଂଶ ଯଥା ମୁଣ୍ଡ ଉପରେ ଚୂଳ, ମୁହଁ ତଳେ ଫୁଲି, କର୍ଣ୍ଣପାଲି ବେକରେ, ବେକ ପର, ଛାତି, ପିଠି, ପଲ୍ୟାଣ (ସ୍ୟାଡଲ), ଲାଞ୍ଜରେ ପଲ୍ୟାଣପର, ଜଂଘ, ନଳୀ ଗୋଡ ଇତ୍ୟାଦି ନେଇ ଶରୀର ଗଠନ ।




❍ ଅଧିକାଂଶ ଜାତିର କୁକୁଡାଙ୍କୁ ପ୍ରତି ପାଦରେ ୪ଟି ଆଙ୍ଗୁଠି ଥାଏ । ତିନୋଟି ଆଙ୍ଗୁଳି ଆଗକୁ ଏବଂ ଗୋଟିଏ ପଛକୁ; ଆଙ୍ଗୁଳିଗୁଡିକର ୩-୪ ସେମି ଉପରକୁ ପାଦକଣ୍ଟି (ସ୍ପର) ଥାଏ ।

❍ କୁକୁଡାର ପର, ଚୂଳ, ଫୁଲି ଓ ଆକାର ଦେଖି କୁକୁଡାର ପ୍ରକାର ଜଣାଯାଇଥାଏ । ମଟର ଚୂଳ (ପିକମ୍ବ), ଗୋଲାପଚୂଳ (ରୋଜ କମ୍ବ) ଓ୍ୱାଲନଟ ଚୂଳ ଦେଖାଯାଇଥାଏ ।

❍ କୁକୁଡାର ପରର ରଙ୍ଗ ଏବଂ ଆକାର କୁକୁଡାର ଲିଙ୍ଗ ଓ ବୟସ ନିର୍ଣ୍ଣୟରେ କେତେକାଂଶରେ ସାହାଯ୍ୟ କରିଥାଏ ।

❍ ଗଞ୍ଜାର ବେକ, ପିଠି ଓ ପୁଚ୍ଛର ପରଗୁଡିକ ଲମ୍ୱା ଓ ଗୋଜିଆ । ପେଣ୍ଠିର ସେହି ସ୍ଥାନରେ ପରଗୁଡିକ ଛୋଟ ଓ ମୁଣ୍ଡାଳିଆ ।

## କୁକୁଡ଼ାର ଅନ୍ତଃ ଶରୀର ଗଠନ

❍ କୁକୁଡ଼ା ମାନେ ଥଣ୍ଟ ମାଧ୍ୟମରେ ଖାଦ୍ୟ ସଂଗ୍ରହ କରଥାନ୍ତି । ଖାଦ୍ୟ ପାଟି , ଖାଦ୍ୟ ନଳୀ ବାଟ ଦେଇ ଖାଦ୍ୟମୁଣି (crop) ଠାରେ ପହଞ୍ଚିଥାଏ । ତାପରେ କୁକୁଡାର ପେଷଣୀ ବା କରାଟକୁ ଖାଦ୍ୟ ଯାଇ ସେଠାରୁ ପେଷି ହୋଇ କ୍ଷୁଦ୍ରାନ୍ତକୁ ଯାଏ ।

❍ କୁକୁଡ଼ାର କ୍ଷୁଦ୍ର ଓ ବୃହତ୍ ଅନ୍ତ ନଳୀ ଥାଏ । କ୍ଷୁଦ୍ର ଓ ବୃହତ୍ ଅନ୍ତ ନଳୀର ସଙ୍ଗମ ସ୍ଥଳରେ ଦୁଇଟି ସିକା ଥାଏ ।

❍ ମାଇ କୁକୁଡ଼ାର ପ୍ରଜନନ ଅଙ୍ଗ ଥାଏ ଏବଂ ଏହା ଅଣ୍ଡା ଦେବାରେ ସହାୟକ ହୋଇଥାଏ । ଗଞ୍ଜା କୁକୁଡ଼ାର ପ୍ରଜନନ ଅଙ୍ଗରୁ ଶୁକ୍ର ପ୍ରସ୍ତୁତ ହୋଇଥାଏ, ଯାହାକି ବାହ୍ୟ ଉତ୍ତାପରେ ବଞ୍ଚିଥାଏ ।



# କୁକୁଡ଼ା ପାଳନ ପଦ୍ଧତି

**ସାଧାରଣତଃ କୁକୁଡା ୩ଟି ପଦ୍ଧତିରେ ପାଳନ କରାଯାଇଥାଏ ।**

## ୧. ମୁକ୍ତ ଅଗଣାରେ କୁକୁଡା ପାଳନ ପ୍ରଣାଳୀ :

କୁକୁଡାମାନଙ୍କୁ ଦିନରେ ବାହାରକୁ ଚରାବୁଲା ପାଇଁ ଛଡାଯାଏ । ରାତିରେ ଘର ଅଗଣାରେ ଛୋଟ ଘରଟିରେ କୁକୁଡାଙ୍କୁ ରଖାଯାଇଥାଏ । କୁକୁଡାମାନେ ଦିନରେ ବାହାରେ ଚରାବୁଲା କରି ପୋକଯୋକ

ପାରମ୍ପରିକ ମୁକ୍ତ ଅଗଣାରେ କୁକୁଡା ପାଳନ



ଡିପ୍ ଲିଟର ପଦ୍ଧତିରେ କୁକୁଡା ପାଳନ



ଓ ଅନ୍ୟାନ୍ୟ ଖାଦ୍ୟ ଖାଇ ସଂଧ୍ୟାରେ ନିଜ ଛୋଟ ଘରକୁ ଫେରିଆସନ୍ତି । ଚରିବୁଲି ଆସିବା ପରେ ସନ୍ଧ୍ୟାରେ କିଛି ଖୁଦ, ଧାନ ଓ କୁଣ୍ଡା, ମାଣ୍ଡିଆ ଚୁନା କୁକୁଡାଙ୍କୁ ଖାଇବାକୁ ଦିଅନ୍ତି ଏବଂ ଏହି ବ୍ୟବସ୍ଥାକୁ ଅର୍ଦ୍ଧ-ସଘନ ପଦ୍ଧତି କହନ୍ତି ।

ଗାଁରେ ବାଡ଼ି ଅଗଣାରେ ଦେଶୀ କିଷମର ରଙ୍ଗିନ୍ କୁକୁଡ଼ାଙ୍କୁ ଏହି ପଦ୍ଧତିରେ ପାଳନ କରାଯାଏ । ଦେଶୀ କୁକୁଡ଼ା ଅଣ୍ଡା ଉଷୁମେଇ ଚିଆଁ ଫୁଟାଇ ଚିଆଁ ମାନଙ୍କୁ ଯତ୍ନ ନେଇଥାଏ ।

## ୨. ଡିପଲିଟର ପ୍ରଣାଳୀ

ତାର ଜାଲି ଘେରା ଘରର ମେଜିଆ (ଚଟାଣ)ରେ ୨-୩ ଇଂଚ ବହଳର କରତଗୁଣ୍ଡ ବା ଧାନଚଷୁ ବିଛାଇ କୁକୁଡାକୁ ରଖାଯାଏ ।

ଏହି ପଦ୍ଧତିରେ ଆଜିକାଲି ମାଂସଳ କୁକୁଡ଼ା (ବ୍ରଏଲର୍) ପାଳନ କରାଯାଉଛି । କୁକୁଡ଼ାମାନେ ସେମାନଙ୍କ ରହିବା ଘର ଭିତରେ ଖୋଲାଖୋଲି ବୁଲିପାରନ୍ତି । ବିଜୁଳୀ ଆଲୁଅ ସହ ଖାଦ୍ୟ, ପାଣିର ୨୪ ଘଣ୍ଟା ଯୋଗାଇଦିଆଯାଏ ।

## ୩. ପିଞ୍ଜରା ପ୍ରଣାଳୀ

ଜାଲି ପିଞ୍ଜରାରେ ଥାକଥାକ କରି କୁକୁଡାକୁ ରଖାଯାଏ । କୁକୁଡାମାନଙ୍କୁ ପିଞ୍ଜରାରେ ଦାନା ପାଣିର ୨୪ ଘଣ୍ଟା ସୁବିଧା ଥାଏ । ଏହା ବ୍ୟବସାୟୀକ ଅଣ୍ଡା ଦିଆ କୁକୁଡା ପାଳନର ବ୍ୟବହାର ହୁଏ । ଏହି ପଦ୍ଧତିରେ ସ୍ୱୟଂଚାଳିତ ବ୍ୟବସ୍ଥା ଅନୁପାଳନ କରି କମ୍ ଖର୍ଚ୍ଚ ଓ ଶ୍ରମ ଆବଶ୍ୟକ ହୁଏ ।

**ଆଧୁନୀକ ପଦ୍ଧତିରେ ପିଞ୍ଜରାରେ ଅଣ୍ଡାଦିଆ କୁକୁଡା ପାଳନ**



# କୁକୁଡ଼ା ପାଳନର ଆର୍ଥିକ ଦିଗ

## କ. ଦେଶୀ କୁକୁଡ଼ା

| କ୍ର. ସଂ. | ଉତ୍ପାଦନ ପରିମାପ | ଉତ୍ପାଦନର ପରିମାଣ |
|---|---|---|
| ୧ | ଗୋଟିଏ ଦେଶୀ କୁକୁଡ଼ା | ଗୋଟିଏ ମୁଥରେ ୧୨-୧୫ ଟି ଅଣ୍ଡା |
| ୨ | ଗୋଟିଏ ଦେଶୀ କୁକୁଡ଼ାର ଚିଆଁ ଫୁଟେଇବା କ୍ଷମତ | ୧୨ ଟି ଚିଆଁ ଗୋଟିଏ ମୁଥରେ |
| ୩ | ଗୋଟିଏ ଦେଶୀ କୁକୁଡ଼ାର ଅଣ୍ଡା ଦେବା କ୍ଷମତା | ବର୍ଷରେ ୩ ମୁଥ |
| ୪ | ଗୋଟିଏ ଦେଶୀ କୁକୁଡ଼ାର ଅଣ୍ଡା ଦେବା କ୍ଷମତା | ବର୍ଷରେ ୩୬ ଟି ଅଣ୍ଡା |
| ୫ | ଚିଆଁ ବଢ଼ି ପ୍ରାପ୍ତ ବୟସ୍କ କୁକୁଡ଼ାରେ ପରିଣତ | ଗୋଟିଏ ମୁଥରେ ୬ ଟି |
| ୬ | ବାର୍ଷିକ ଚିଆଁ ବଢ଼ି ପ୍ରାପ୍ତ ବୟସ୍କ କୁକୁଡ଼ାରେ ପରିଣତ | ୧୮ ଟି |
| ୭ | ୧ କିଗ୍ରା ଓଜନ କୁକୁଡ଼ାର ବଜାର ମୂଲ୍ୟ | ୩୦୦ ଟଙ୍କା |
| ୮ | ୯ ମାସରୁ ୧ ବର୍ଷ ବୟସ କୁକୁଡ଼ାର (୧.୫ କିଗ୍ରା ମାଂସ) ବଜାର ମୂଲ୍ୟ | ୪୦୦ ଟଙ୍କା |
| ୯ | ୧୮ ଗୋଟି ପ୍ରାପ୍ତ ବୟସ୍କ କୁକୁଡ଼ାର ବଜାର ମୂଲ୍ୟ | ୭୨୦୦ ଟଙ୍କା |
| ୧୦ | ଜଣେ ପରିବାର ୫ ଗୋଟି ପେଣ୍ଠି ରଖି ବାର୍ଷିକ ରୋଜଗାର | ୩୬,୦୦୦ ଟଙ୍କା |

## ଖ. ଅଣ୍ଡାଦିଆ ବିଦେଶୀ କୁକୁଡ଼ା

| କ୍ର. ସଂ. | ଉତ୍ପାଦନ ପରିମାପ | ଉତ୍ପାଦନର ପରିମାଣ |
|---|---|---|
| ୧ | ଗୋଟିଏ ବିଦେଶୀ ଧଳା ଲେଗହର୍ଣ୍ଣ କୁକୁଡ଼ାର ଅଣ୍ଡା ଦେବା କ୍ଷମତା | ବର୍ଷରେ ୩୦୫ ଟି ଅଣ୍ଡା |
| ୨ | ଅଣ୍ଡାର ବଜାର ମୂଲ୍ୟ | ୬ ଟଙ୍କା |
| ୩ | ବାର୍ଷିକ ଆୟ | ୧୮୩୦ ଟଙ୍କା |
| ୪ | ଗୋଟିଏ ବିଦେଶୀ ଧଳା ଲେଗହର୍ଣ୍ଣ କୁକୁଡ଼ାର ଦୈନିକ ଖାଦ୍ୟ ବାବଦରେ ଖର୍ଚ୍ଚ | ୧୨୦ ଗ୍ରାମ୍ (୩ ଟଙ୍କା) |
| ୫ | ଗୋଟିଏ ବିଦେଶୀ ଧଳା ଲେଗହର୍ଣ୍ଣ କୁକୁଡ଼ାର ବାର୍ଷିକ ଖାଦ୍ୟ ବାବଦରେ ଖର୍ଚ୍ଚ | ୧୦୯୫ ଟଙ୍କା |

## ଗ. ବ୍ରଏଲର୍ କୁକୁଡ଼ା

ଏହି ଜାତୀୟ କୁକୁଡ଼ା ମାଂସ ପାଇଁ ପାଳନ କରାଯାଇଥାଏ । ବ୍ରଏଲର୍ କୁକୁଡ଼ା ଅପେକ୍ଷାକୃତ କମ୍ ଖାଦ୍ୟ ଖାଇ ଶୀଘ୍ର ବଢ଼ିଥାନ୍ତି ।

ବଜାରରେ ବ୍ରଏଲର୍ କୁକୁଡ଼ା ମାଂସର ଦାମ୍ ଦେଶୀ କୁକୁଡ଼ା ମାଂସ ଠାରୁ ଶସ୍ତା ଅଟେ । ସାଧାରଣତଃ ବ୍ରଏଲର୍ କୁକୁଡ଼ା ମାଂସ ୧୮୦ ଟଙ୍କାରେ ବଜାରରେ ମିଳିଥାଏ ।

ବ୍ରଏଲର୍ କୁକୁଡ଼ା ଚାଷୀ ୧ କି.ଗ୍ରା. ବ୍ରଏଲର୍ କୁକୁଡ଼ା ମାଂସ ବିକ୍ରିକରି ହାରାହାରି ୩୫ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଥାଏ ।

| କ୍ର. ସଂ. | ଉତ୍ପାଦନ ପରିମାପ | ଉତ୍ପାଦନର ପରିମାଣ |
|---|---|---|
| ୧ | ୧ କିଗ୍ରା ଦେଶୀ କୁକୁଡ଼ା ମାଂସର ବଜାର ମୂଲ୍ୟ | ୪୦୦ ଟଙ୍କା |
| ୨ | ୧ କିଗ୍ରା ବ୍ରଏଲର୍ କୁକୁଡ଼ା ମାଂସର ବଜାର ମୂଲ୍ୟ | ୧୮୦ ଟଙ୍କା |
| ୩ | ଦେଶୀ ଅଣ୍ଡାର ବଜାର ମୂଲ୍ୟ | ୨୦ ଟଙ୍କା |
| ୪ | ବିଦେଶୀ ଧଳା ଲେଗହର୍ଣ୍ଣ ଅଣ୍ଡାର ବଜାର ମୂଲ୍ୟ | ୬ ଟଙ୍କା |

ସ୍ଥାନୀୟ ହାଟରେ କୁକୁଡ଼ା ଓଜନ ଅନୁଯାୟୀ ଦର ନିର୍ଦ୍ଧାରଣ ଓ ବିକ୍ରୟ



# କୁକୁଡ଼ା ଘର

□ କିଛି ଗାଁରେ ଦେଶୀ କୁକୁଡାମାନେ ଗଛ ଉପରେ ବା ଘର ଉପରେ ରାତିରେ ଆଶ୍ରୟ ନେଇଥାନ୍ତି । ଏହାଦ୍ୱାରା କୁକୁଡା ମାନେ କିଛିଟା ବନ୍ୟଜନ୍ତୁଙ୍କ ଠାରୁ ସୁରକ୍ଷିତ ରହନ୍ତି । ଘର ବାରଣ୍ଡାରେ ମଧ୍ୟ କୁକୁଡ଼ା ଆଶ୍ରୟସ୍ଥଳୀ ରଖାଯାଇଥାଏ । କିଛି ପରିବାର ଶୋଇବା ଘରେ ରଖିଥାନ୍ତି । ଏପରି କରିବା ଅନୁଚିତ୍ ।



କମ୍ ଖର୍ଚ୍ଚରେ କୁକୁଡ଼ା ଘର

ସ୍ଥାନୀୟ ଅଞ୍ଚଳରେ ମିଳୁଥିବା କାଠ, ବାଉଁଶର କୁକୁଡାଘର ତିଆରି

□ କୁକୁଡ଼ା ମାନଙ୍କ ପାଇଁ ସ୍ୱତନ୍ତ୍ର ଘରଟିଏ କରି ରଖିବା ଉଚିତ୍ । ଅତି ଅଳ୍ପ ଖର୍ଚ୍ଚରେ ନିଜ ଅଂଚଳରେ ମିଳୁଥିବା ବାଉଁଶ, କାଠ ଓ ନଡ଼ା ଓ ତାଳବରଡା ବିନିଯୋଗ କରି କୁକୁଡା ଘର କରିପାରେବେ । ଗାଁରେ ଲୋକେ ନିଜର କୁକୁଡା ଘର ବାଉଁଶ ଜଙ୍ଗଲରୁ ସଂଗ୍ରହ କରି ତିଆରି କରିଥାନ୍ତି । ଏଥିପାଇଁ ପ୍ରାୟ ୫୦୦ ଟଙ୍କା ଖର୍ଚ୍ଚ ହୋଇଥାଏ ।

□ ପ୍ରାତଃ ସକାଳ ୬ଟା ବେଳେ ପ୍ରତ୍ୟେକ ପରିବାର ନିଜର କୁକୁଡାକୁ ବାହାରେ ବୁଲିବାକୁ ଛାଡି ଦିଅନ୍ତି । ଚରିବୁଲି ଆସିବା ପରେ ପ୍ରାୟ ସକାଳ ୯-୧୦ ଘଣ୍ଟା ସମୟରେ କିଛି ଦାନା ଦିଅନ୍ତି ।

□ ପୁଣିଥରେ ସନ୍ଧ୍ୟାରେ ୪ଟା ବେଳକୁ ଆଉ କିଛି ଦାନା (କୁଣ୍ଡା ବା ଖୁଦ) ଦିଅନ୍ତି ।

□ କୁକୁଡା ମାନଙ୍କୁ ଘର ବାଡିରେ ବୁଲି ଖାଦ୍ୟ ସଂଗ୍ରହ କଲାପରେ ଘର ଖାଦ୍ୟ ଖାଇବାକୁ ଦେବା ଉଚିତ ।

## କୁକୁଡା ଘର ନିର୍ମାଣ

□ ନିଜ ଅଂଚଳରେ ମିଳୁଥିବା ବାଉଁଶ ଓ କାଠରେ କୁକୁଡା ଘର ତିଆରି କରିବା ଉଚିତ୍ । ଘରଟି ମଜଭୁତ୍ ହୋଇଥିବ, ଯଦ୍ୱାରା ବନ୍ୟଜନ୍ତୁ ଦାଉରୁ କୁକୁଡ଼ା ମାନଙ୍କୁ ସୁରକ୍ଷା ଦେଇପାରିବ ।

□ କୁକୁଡା ଘରଟି କୁକୁଡାଙ୍କୁ ଖରା, ବର୍ଷା ଓ ପବନରୁ ରକ୍ଷା କରିପାରୁଥିବ । ଏହା ବ୍ୟତୀତ ଘରଟିକୁ ଭଲ ଭାବରେ ମୁକ୍ତ ପବନ ଯିବା ଆସିବା କରିପାରୁଥିବ ।

- ବନ୍ୟ ଜନ୍ତୁଙ୍କ ଠାରୁ କୁକ୍କୁଡ଼ା ମାନଙ୍କୁ ରକ୍ଷା କରିବା ପାଇଁ କିଛି ଲୋକ କୁକୁଡା ଘରଟିକୁ ବାଉଁଶ କଂଟା ଦେଇ ଘୋଡ଼େଇ ରଖିଥାନ୍ତି ।

- ଘରଟି ସଫା କରିବା ପାଇଁ ଘରର ଦ୍ୱାରଟି ପ୍ରଶସ୍ତ ହେବା ଆବଶ୍ୟକ ।

- ଗୋଟିଏ କୁକୁଡା ପାଇଁ ୧ ବର୍ଗଫୁଟ ସ୍ଥାନ ଦରକାର ।

- ଘର ମଧ୍ୟରେ ଆବଶ୍ୟକରୁ ଅଧିକ କୁକୁଡା ରଖିବା ଅନୁଚିତ ।

- ଅଣ୍ଡା ଉଷୁମେଇବା ବସା ପାଇଁ ଘରର ଗୋଟିଏ ଉଚ୍ଚା ସ୍ଥାନ ବାଛନ୍ତୁ ।

- ଯଦି ତଳେ ରଖିବେ, ମୂଷା ମାନେ ଚିଆଁ ମାନଙ୍କୁ କ୍ଷତି କରନ୍ତି । ସେହେତୁ, ବସାଟିକୁ ଘର ଚାଳରେ ଝୁଲେଇ ଟାଙ୍ଗି ଦିଆଯାଏ ।

## କୁକୁଡା ଘରର ରକ୍ଷଣା ବେକ୍ଷଣ

- କୁକୁଡା ଘରୁ ନିୟମିତ କୁକୁଡା ମଳ ସଫା କରିବା ଉଚିତ ଏବଂ ଖତ ଭାବେ ବ୍ୟବହାର କରନ୍ତୁ । ଏହା ପ୍ରତିଦିନ ଥରେ ସଫା କଲେ, ରୋଗ ଦାଉରୁ ରକ୍ଷା ମିଳେ ।

- ଆବଶ୍ୟକତାଠାରୁ ଅଧିକ କୁକୁଡା ରଖିବା ଅନୁଚିତ୍ ।

- ଘର ଆଖପାଖରେ ଥିବା ଲଟାବୁଦା ସଫା କଲେ ବିଲୁଆ, ନେଉଳ ଓ ସାପ ଦାଉରୁ ରକ୍ଷା ମିଳେ ।

- ପାଉଁଶ କିମ୍ବା ଚୂନ କୁକୁଡା ଘର ଚଟାଣରେ ପକାଇଲେ ଚଟାଣ ଶୁଖିଲା ରହେ ଓ ରୋଗ ଉପଦ୍ରବ କମିଯାଏ ।

- କୁକୁଡା ଘରକୁ ଘରପାଖ କାନ୍ଥକୁ ଲାଗି ତିଆରି କରିବା ଆବଶ୍ୟକ, କାରଣ ଚୋର ଏବଂ ଶିକାରୀ ଜନ୍ତୁଙ୍କ ଠାରୁ ଏମାନେ ରକ୍ଷା ପାଇପାରିବେ ।

- କୁକୁଡା ଝାଡାକୁ ଜୈବିକ ସାର ହିସାବରେ ଚାଷ ଜମିରେ ବ୍ୟବହାର କରାଯାଇପାରେ । କୁକୁଡା ଖତକୁ ପନିପରିବା ଚାଷ ଜମିରେ ବା ବଗିଚାରେ ପକାଇଲେ ଅଧିକ ଅମଳ ମିଳେ । ଏଥିରେ ଚୂନ ମିଶାଇ ବ୍ୟବହାର କରାଯାଏ, ନଚେତ କୁକୁଡା ଝାଡାରେ ଥିବା ବହୁତ ଅମ୍ଳ ଅଂଶ, ଫସଲକୁ ପୋଡିଦେବାର ସମ୍ଭାବନା ଥାଏ ।

# କୁକୁଡ଼ା ଘର ଉପକରଣ

## କୁକୁଡ଼ାମାନଙ୍କ ପାଇଁ ଦାନାପାତ୍ର

ଦାନାପାତ୍ର

ଦାନା ପାତ୍ର




☐ କୁକୁଡାମାନଙ୍କୁ ଦାନାପାତ୍ରରେ ଖାଇବାକୁ ଦେଲେ, ଖାଦ୍ୟ ନଷ୍ଟ ହୁଏ ନାହିଁ । ବିଭିନ୍ନ ପ୍ରକାରର ଦାନାପାତ୍ର ଯଥା :–

୧. ବାଉଁଶ / କାଠ ତିଆରି ଡଙ୍ଗା ଦାନାପାତ୍ର

୨. ପ୍ଲାଷ୍ଟିକ୍ / ଦସ୍ତା ନିର୍ମିତ ଡଙ୍ଗା ଦାନାପାତ୍ର

୩. ପ୍ଲାଷ୍ଟିକ୍ / ଦସ୍ତା ନିର୍ମିତ ସିଲିଣ୍ଡରାକୃତି ଝୁଲା ଦାନାପାତ୍ର । ଏହି ଦାନାପାତ୍ର ଉନ୍ନତ କୁକୁଡା ପାଳନ ପ୍ରଣାଳୀରେ ମଧ୍ୟ ବ୍ୟବହୃତ ହୁଏ ।

ବଜାରରେ ମିଳୁଥିବା କୁକୁଡ଼ା ଦାନାପାତ୍ର ସାଧାରଣତଃ ପ୍ଲାଷ୍ଟିକ୍ ବା ଦସ୍ତାରେ ତିଆରି ହୋଇଥାଏ । ଏହି ଦାନାପାତ୍ରର ମଝିରେ ଘୋଡ଼ଣି ରଖାଯାଇଥାଏ । ଏହାଦ୍ୱାରା ଦାନାପାତ୍ରରେ କୁକୁଡ଼ା ପଶି ଦାନା ନଷ୍ଟ କରିପାରନ୍ତି ନାହିଁ ।

ବାଉଁଶରେ ଦାନାପାତ୍ର ନିଜେ ତିଆରି କରିପାରିବେ । ମୋଟା ବାଉଁଶକୁ ମଝିରୁ ଦୁଇ ଫାଳ କରାଯାଏ । ତାପରେ ମଝିରେ ଗୋଟିଏ ଗଣ୍ଠି ରଖି ଦୁଇ ପାଖର ଗଣ୍ଠି ପାଖରୁ ( ୨-୩ ଫୁଟ ଲମ୍ବା) ଛାଡ଼ି କାଟିଦିଆଯାଏ । ଫାଳ ବାଉଁଶର ଉଭୟ କଡ଼ ଭଲଭାବେ ଚାଞ୍ଛି ଚିକ୍କଣ କରାଯାଏ । ଏହାକୁ କାଠ ଖଣ୍ଡରେ ଭରାଦେଇ ଭୂଇଁରୁ ୫-୬ ଇଞ୍ଚ ଉପରେ ରଖାଯାଏ ।

ହାଲୁକା କାଠରେ ମଧ୍ୟ ଦାନାପାତ୍ର ତିଆରି କରାଯାଇପାରେ ।

## ଝୁଲନ୍ତା ଦାନାପାତ୍ର

ବିଭିନ୍ନ କମ୍ପାନୀ ଦସ୍ତା କିମ୍ବା ପ୍ଲାଷ୍ଟିକ୍ ଦାନାପାତ୍ର ବଜାରରେ ବିକ୍ରି କରିଥାନ୍ତି । ସାଧାରଣତଃ ବ୍ୟବସାୟିକ ଭିତ୍ତିକ କୁକୁଡ଼ା ଫାର୍ମରେ ଏହା ବ୍ୟବହାର ହୋଇଥାଏ ।

ଏକରୁ ଦେଢ ଫୁଟ ଲମ୍ବା ନଳାକାର ପାତ୍ର ଗୋଟିଏ ପ୍ଲେଟ୍ ସହ ଲାଗିଥାଏ । ନଳାକାର ପାତ୍ର ଓ ପ୍ଲେଟର ପରିସୀମା ମଧ୍ୟରେ ଫାଙ୍କ ଥାଏ । କୁକୁଡ଼ା ଦାନା ନଳାକାର ଘୋଡ଼ଣୀର ଉପର ପଟୁ ଭର୍ତ୍ତି କରାଯାଇଥାଏ ଓ ଅସ୍ତେ ଆସ୍ତେ ପ୍ଲେଟରେ ଦାନା ଭରିଥାଏ । ଏହି ଦାନାପାତ୍ରକୁ କୁକୁଡ଼ା ଘରେ ଚଟାଣର ୧ ଫୁଟ ଉଚ୍ଚରେ ଝୁଲେଇ ରଖାଯାଏ ।

କୁକୁଡ଼ା ସଂଖ୍ୟା ଅନୁସାରେ ଦାନାପାତ୍ର ସଂଖ୍ୟା ସ୍ଥିର କରାଯାଏ ।

## କୁକୁଡାମାନଙ୍କ ପାଇଁ ପାଣିପାତ୍ର

ବିଶୁଦ୍ଧ ନିର୍ମଳ ପିଇବା ପାଣି କୁକୁଡ଼ାଙ୍କ ପାଇଁ ନିହାତି ଆବଶ୍ୟକ । ଦୂଷିତ ପାଣିଯୋଗୁ କୁକୁଡା ମାନଙ୍କୁ ବିଭିନ୍ନ ରୋଗ ହୋଇଥାଏ । ସାଧାରଣତଃ ଚିଆଁମାନେ ଝାଡା ରୋଗରେ ଆକ୍ରାନ୍ତ ହୋଇ ମରିଯାନ୍ତି । ତେଣୁ କୁକୁଡାମାନଙ୍କ ପାଇଁ ନିର୍ମଳ ପାଣିର ବ୍ୟବସ୍ଥା କରାଯିବା ଆବଶ୍ୟକ । ନିର୍ମଳ ପାଣି ଦେବା ପାଇଁ ବିଭିନ୍ନ ପ୍ରକାରର ପାଣିପାତ୍ର ବ୍ୟବହାର କରାଯାଇପାରେ ।

ପ୍ଲାଷ୍ଟିକ ତେଲ ବୋତଲରୁ ନିର୍ମିତ ପାଣିପାତ୍ର



୧-୨ ଲିଟରିଆ ପ୍ଲାଷ୍ଟିକ ତେଲ ଜାର୍ ନେଇ ତାର ତଳୁ ୬ ଇଞ୍ଚ ଛାଡ଼ି ଚାରି ପାଖରେ ୪ ଗୋଟି ବଡ଼ କଣା କରନ୍ତୁ ଯେମିତିକି ସେହି କଣାରେ କୁକୁଡ଼ା ମାନେ ମୁଣ୍ଡ ପୁରେଇ ପାଣି ପିଇ ପାରିବେ । ଜାରରେ ପାଣି ଭର୍ତ୍ତି କରି ଖାଦ୍ୟ ପାତ୍ର ପାଖରେ ରଖି କୁକୁଡ଼ା ମାନଙ୍କୁ ପାଣି ଦିଅନ୍ତୁ । ଜାରରେ ପାଣି ଭର୍ତ୍ତି କରିବା ପୂର୍ବରୁ ପ୍ରତ୍ୟେକ ଦିନ ସଫା କରନ୍ତୁ ।

## ଚିତ୍ର ୧

ଏଥିପାଇଁ ଏକ ଛୋଟ ମାଠିଆ କିମ୍ବା ଏକ ରସ ବା ମାଟି ଥାଳିଆର ଆବଶ୍ୟକତା ରହିଛି । ଡବା ଏବଂ ମାଠିଆର ମୁଣ୍ଡ ପୁରା ଖୋଲାଥାଏ । ଖୋଲାମୁହଁର ଦୁଇ ସେ.ମି. ଉପରେ ମୁହାଁ ମୁହିଁ ଦୁଇଟି ଛିଦ୍ର କରାଯାଏ । ଡବାରେ ପାଣି ଭରି ଦିଆଯାଏ । ଥାଳିଆକୁ ଡବା ଉପରେ ଢାଙ୍କି ଦିଆଯାଏ । ଥାଳିଆକୁ ବାମ ହାତର ପାପୁଲିରେ ଓ ଡବାକୁ ଡାହାଣ ହାତର ପାପୁଲିରେ ଧରି ହଠାତ ଓଲଟେଇ ଦିଆଯାଏ । ଯାହାଫଳରେ ଡବାରୁ ଥାଳିଆକୁ ଧିରେ ଧିରେ ପାଣି ଝରିଆସେ । ଡବାର ମୁହଁରେ ଛିଦ୍ର ଉଚ୍ଚତା ପର୍ଯ୍ୟନ୍ତ ପାଣି ରହେ । କୁକୁଡାମାନେ ସେଥିରୁ ପାଣି ପିଇବେ ଏବଂ ପାଣି କ୍ରମଶଃ ଡବାରୁ ଝରି ଥାଳିଆରେ ସର୍ବଦା ରହେ ।

## ଚିତ୍ର ୨

ମାଠିଆରେ ପାଣି ପୁରାଇ ଏକ ୧ ୨ ଇଞ୍ଚ ଫେନ୍ଦ ମାଟିପାତ୍ରରେ ଓଲଟାଇ ରଖାଯାଏ । ମାଟିପାତ୍ରର ବ୍ୟାସାର୍ଦ୍ଧ ମାଠିଆ ମୁହଁ ଠାରୁ ମାତ୍ର ୧ ଇଞ୍ଚ ଅଧିକ ଓସାର ହେବା ଦରକାର । ପାଣିପାତ୍ରକୁ ଆସିବା ପାଇଁ ମାଠିଆ ମୁହଁରୁ ୨ ଇଞ୍ଚ ଛାଡ଼ି ୨ଟି ଛୋଟ କଣା କରାଯାଇଥାଏ ।

## ଚିତ୍ର ୩

ମାଠିଆର ଉପର ପାର୍ଶ୍ୱର ଚାରିପାଖରେ ଚାରିଗୋଟି ସ୍ଥାନରେ କାଟି ଛିଦ୍ର କରାଯାଏ, ଯେମିତି କୁକୁଡ଼ା ମୁଣ୍ଡ ପୁରେଇ ପାଣି ପିଇପାରିବ । ଏହିପରି ପ୍ରଣାଳୀ ମଧ୍ୟ ଉନ୍ନତ କୁକୁଡା ପାଳନ ପ୍ରଣାଳୀରେ ବ୍ୟବହୃତ ହୁଏ ।




# ଦେଶୀ କୁକୁଡ଼ା ଚିଆଁ ଉତ୍ପାଦନ ଓ ପାଳନ

## ପେଣ୍ଠି ଚୟନ ପ୍ରକିୟା :

ଦେଶୀ କୁକୁଡା ଅଣ୍ଡା ଉଷୁମେଇ ଚିଆଁ ଫୁଟେଇଥାଏ ଏବଂ ଚିଆଁ ବଡହୋଇ ମାଂସ ଭାବେ ବ୍ୟବହାର ହୋଇଥାଏ। ଯଦି ଗୋଟିଏ ପେଣ୍ଠିରୁ ଅଧିକ ଚିଆଁ ଫୁଟିଥାଏ ତାହା ଅଧିକ ଲାଭ ଓ ଆୟ ଦେଇଥାଏ।

☐ ସାଧାରଣତଃ କୁଡୁକି ପେଣ୍ଠି ୧୦-୧୫ଟି ଚିଆଁ ଫୁଟେଇଥାଏ । ଗୋଟିଏ ପେଣ୍ଠି ସର୍ବାଧିକ ୨୦-୨୧ ଚିଆଁ ଥରକରେ ଫୁଟେଇପାରେ ।

☐ ଯେଉଁ ପେଣ୍ଠି ୧୦ଟି ଅଣ୍ଡାରୁ ୮ଟିରୁ କମ ଚିଆଁ ପ୍ରତ୍ୟେକ ଥର ଫୁଟାଇଥାଏ, ତାହା ଲାଭଜନକ ନୁହେଁ। ତାହାକୁ ବିକ୍ରିକରି ଦିଅନ୍ତୁ। ଅଧିକରୁ ଅଧିକ ଅଣ୍ଡାଦେଇ ଅଧିକ ଚିଆଁ ଜନ୍ମ କରୁଥିବା ପେଣ୍ଠିକୁ ରଖି ବଂଶ ବିସ୍ତାର କରନ୍ତୁ। **ଯେତେ ଅଧିକ ଚିଆଁ ଜନ୍ମ ହେବେ ସେତିକି ଲାଭ ବଢିବ ।**

☐ ସବୁବେଳେ ଯେଉଁ ପେଣ୍ଠି ୧୫ ଟାରୁ ୨୦ ଅଣ୍ଡା ଦେଉଛି ଏବଂ ସେହି କୁଡୁକି ପେଣ୍ଠି ଅତି କମରେ ୧୫ ଟି ରୁ ୧୮ଟି ଅଣ୍ଡାରୁ ଚିଆଁ ଫୁଟାଇ ପାରୁଛି, ତାକୁ ଅଣ୍ଡା ଉଷୁମାଇବା ପାଇଁ ସୁଯୋଗ ଦେବା ଆବଶ୍ୟକ । ଆଉ ସେହି ପେଣ୍ଠିଠାରୁ ଗଞ୍ଜା ଓ ପେଣ୍ଠି ପ୍ରଜନନ ପାଇଁ ବାଛି ରଖନ୍ତୁ ଏବଂ ତାହାର ବଂଶ ବିସ୍ତାର କରନ୍ତୁ। ଏହି ଉପାୟରେ ଗଞ୍ଜା ଓ ପେଣ୍ଠି ଚୟନ କରି ପ୍ରଜନନ କଲେ ଦେଶୀ କୁକୁଡାର ଅନୁବଂଶୀୟ ଗୁଣ ଉନ୍ନତି ହୋଇଥାଏ ଏବଂ ଅଧିକ ଲାଭ ମିଳିଥାଏ।

## ଗଞ୍ଜା ଓ ପେଣ୍ଠି ପାଳିବାରେ ଅନୁପାତ

- ସାଧାରଣ ୭-୧୦ଟି ପେଣ୍ଠି ରଖିଥିଲେ ତା ସହିତ ଗୋଟିଏ ଗଞ୍ଜାର ଆବଶ୍ୟକ ଥାଏ । ଏହି ଅନୁପାତରେ ଗଞ୍ଜା ଓ ପେଣ୍ଠି ପାଳନ କରି ବହୁ କୁକୁଡା ଚିଆଁ ପାଇପାରିବେ ।

- ଅଧିକ ଗଞ୍ଜା ରଖିଲେ ସେମାନେ ପେଣ୍ଠିମାନଙ୍କୁ ମରାମରି କରିବେ ଓ ଖୁମ୍ପିବେ । ସେମାନଙ୍କ ମଧ୍ୟରେ ପେଣ୍ଠି ସହ ସଙ୍ଗମ ପାଇଁ ପ୍ରତିଯୋଗିତା ହେବ ।

ଗଞ୍ଜା ଓ ମାଇ କୁକୁଡ଼ା ପାଳନ ଅନୁପାତ (୭ ଟି ମାଇ କୁକୁଡ଼ା ପ୍ରଜନନ ପାଇଁ ଗୋଟିଏ ଗଞ୍ଜା ଆବଶ୍ୟକ ।)



## କୁଡୁକି କୁକୁଡା ଦ୍ୱାରା ଅଣ୍ଡା ଉଷୁମାଇବା

- କୁକୁଡା କୁଡୁକି ହେଲେ ତାକୁ ୧୫-୨୦ଟି ଅଣ୍ଡା ଉଷୁମାଇବାକୁ ସୁଯୋଗ ଦିଅନ୍ତୁ । ଥରକରେ ମାଇ କୁକୁଡା ୨୦-୨୧ ଚିଆଁ ଫୁଟାଇବା ମଧ ଦେଖାଯାଇଛି । ପେଣ୍ଠିର ଆକାର ଅନୁଯାୟୀ ଅଣ୍ଡା ବସାନ୍ତୁ ।

- କୁକୁଡା କୁଡୁକି ବସିବାର ସ୍ଥାନଟି ଅନ୍ଧାରିଆ ଓ ଏକାନ୍ତ ହେବା ଆବଶ୍ୟକ । କୁଡୁକି କୁକୁଡ଼ା ଉଷୁମେଇବା ବେଳେ ତାକୁ ଏକୁଟିଆ ଛାଡି ଦିଅନ୍ତୁ ।

♦ଗୋଟିଏ ପାଚିଆ କିମ୍ବା ଖୋଲାମୁହାଁ ହାଣ୍ଡିରେ କିଛି କଟା ନଡା କିମ୍ବା ଶୁଖିଲା ପତ୍ରର ଏକ ଶେଜ କରି ଦିଅନ୍ତୁ । କିମ୍ବା ଏକ ମାଠିଆକୁ ମଝିରୁ ଭାଙ୍ଗି ଦେଇ ତାର ଆଗ ପଟଟିକୁ ଉବୁଡାଇ (ମୁହଁ ତଳ କରି ) ତାର ଉପରେ ନଡା, ପତ୍ରରେ ଶେଜ କରି କୁକୁଡାକୁ ଅଣ୍ଡା ଉଷୁମାଇବା ପାଇଁ ବସାଯାଇପାରେ ।

♦ ଖାଦ୍ୟ ଓ ପାଣିର ବ୍ୟବସ୍ଥା ଘର ଅଗଣାରେ କରିବା ଆବଶ୍ୟକ, କିନ୍ତୁ କୁଡକି କୁକୁଡା ନିଜ ଇଚ୍ଛାରେ ଭୋକ ଶୋଷ ହେଲେ ତଳକୁ ଆସିବ । ଘରର ମହିଳା ମାନେ ସାଧାରଣତଃ ନିଜ ହାତରେ କୁଡୁକି କୁକୁଡାକୁ ଉଷୁମେଇବା ଅବସ୍ତାରେ ଖାଦ୍ୟ ଦେଇଥାନ୍ତି ।

♦ ୨୧ଦିନ ଅଣ୍ଡା ଉଷୁମେଇବା ପୁରା ହୋଇଗଲେ, ସାଧାରଣତଃ ଅଣ୍ଡାରୁ ଚିଆଁ ବାହାରିଥାଏ । ଯଦି ଆବଶ୍ୟକ ପଡେ ଆପଣ ଫୁଟିବା ଅଣ୍ଡାରୁ ଚିଆଁ ବାହାର କରିବାରେ ସାହାଯ୍ୟ କରିପାରନ୍ତି ।



## କୁକୁଡା ଅଣ୍ଡା ଦେବା ପାଇଁ ବସାର ଆବଶ୍ୟକତା

♦ ଗାଁରେ ସବୁ ଦେଶୀ କୁକୁଡା ଅଣ୍ଡା ଦେବା ପରେ ତା ଉପରେ ବସି ଉଷୁମେଇଥାନ୍ତି । ଏବଂ ୨୧ ଦିନପରେ ଅଣ୍ଡାରୁ ଚିଆଁ ଫୁଟିଥାଏ । ସଫାସୁତୁରା କୁକୁଡା ବସାରେ କୁକୁଡ଼ା ଅଣ୍ଡା ଦେବା ବ୍ୟବସ୍ଥା କରନ୍ତୁ ।

♦ ନିଜ ଅଞ୍ଚଳରେ ମିଳୁଥିବା ବାଉଁଶ ଟୋକେଇ, ଭଙ୍ଗାହାଣ୍ଡି, ପେଟି ଖୋଳକୁ ବସା ଭାବରେ ବ୍ୟବହାର କରିପାରିବେ ।

♦ ଶୀତଦିନରେ ଉଷୁମେଇବା ବସାଟି ହାଣ୍ଡିରେ ତିଆରି ହେଲେ ଭଲ । ବସା ଭିତରେ ଧାନ ଚସୁ, ଧାନ କୁଣ୍ଡା ଓ ସଫା ଶୁଖିଲା ବାଲି ରଖନ୍ତୁ । ଏହା ଅଧିକ ଉତ୍ତାପ ଦେବ ଏବଂ ଅଣ୍ଡା ତଳରୁ ଥଣ୍ଡା ହେବ ନାହିଁ ।

♦ ଖରା ଦିନ ବସାଟି ବାଉଁଶ କିମ୍ବା କାର୍ଡ଼ ବୋଡ଼ରେ କରନ୍ତୁ । ଭିତରେ ଧାନ ନଡ଼ା, ଶୁଖିଲା ପତ୍ର ଏବଂ ଧାନ ଚଷୁ ଦେଲେ ଭଲ । ଏହା ଦ୍ୱାରା ବାହାରର ପବନ ଚଳାଚଳ ଠିକ୍ ହେବ ଓ ଅଣ୍ଡାରୁ ଚିଆଁ ଭଲ ଫୁଟିବ ।

♦ ମଝିରେ ମଝିରେ ମାଁ କୁକୁଡା ବସାରୁ ଓହ୍ଲେଇ ଆସି ଖାଦ୍ୟ ଖାଇଥାଏ ଏବଂ ପାଣି ପିଇଥାଏ । ଥରେ ଥରେ ଭଉଣୀମାନେ ନିଜ ହାତରେ ସେହି ମାଇ କୁକୁଡାକୁ ଖାଦ୍ୟ ଖୁଆଇଥାନ୍ତି ଏବଂ ପାଣି ଦିଅନ୍ତି । ଏମିତି ୨ଥର ଖଣ୍ଡେ ୨୧ଦିନ ଉଷୁମେଇବା ସମୟରେ ଖାଦ୍ୟ ଦିଆଯାଇଥାଏ ।

♦ ଅଧିକ କୁକୁଡା ଅଣ୍ଡାରୁ ଅଧିକ ଚିଆଁ ଫୁଟିବା ପାଇଁ ଅଣ୍ଡା ବସାକୁ ସଫା ଶୁଖିଲା ଏବଂ ନିରାପଦ ସ୍ଥାନରେ ରଖନ୍ତୁ । ଅଣ୍ଡା ଉଷୁମେଇବା ବସାକୁ ଝୁଲାଇ ରଖିଲେ କୁକୁର, ବିରାଡି ଓ ମୂଷା ମାନଙ୍କ ଠାରୁ ଅଣ୍ଡାକୁ ସୁରକ୍ଷିତ ରଖାଯାଇଥାଏ ।

## ଅଣ୍ଡାର ଭୃଣ ପରୀକ୍ଷା

ଖରାଦିନେ ସାଧାରନତଃ ମାଈ କୁକୁଡା ଉଷୁମେଇ ୩୦-୪୦ ପ୍ରତିଶତ ଅଣ୍ଡାରୁ ଚିଆଁ ଫୁଟାଇଥାଏ । ଅଧିକ ବାହ୍ୟ ଉତ୍ତାପର ପ୍ରଭାବରେ ଅଣ୍ଡା ନଷ୍ଟ ହୋଇଯାଇଥାଏ । ଏଣୁ କୁକୁଡା ଅଣ୍ଡା ଉଷୁମେଇବାର ୭ ଦିନ ପରେ ପରୀକ୍ଷା (କେଣ୍ଡଲିଙ୍ଗ) କରି ଭୃଣ ସୃଷ୍ଟି ହୋଇଛି କି ନାହିଁ ଜାଣିହୁଏ । ୬-୮ ଦିନ ଉଷୁମେଇଥିବା ଅଣ୍ଡାକୁ ଏକ ମହମବତୀ ବା ଟର୍ଚ୍ଚ ବା ବଲ୍ବ ସାମନାରେ ରଖି ରକ୍ତ ବାହିକା ଓ ଜୀବନ୍ତ ଭୃଣ ଦେଖିହୁଏ । ଯଦି ଅଣ୍ଡାରେ ଭୃଣ ନଥାଏ, ତାହେଲେ ଅଣ୍ଡା ଭିତର ଧଳା ଦେଖାଯିବ ଏବଂ ଏହାକୁ ଖାଇଦେବା ଉଚିତ୍ । ଅଣ୍ଡା ଉଷୁମେଇବାର ୧୭-୧୮ ଦିନ ପରେ ପୁଣି ଥରେ କେଣ୍ଡଲିଙ୍ଗ ଦ୍ୱାରା ଭୃଣ ଜୀବିତ ଅଛିକି ନାହିଁ ଜାଣିହୁଏ । ଯଦି ଅଣ୍ଡାରେ ଜୀବନ୍ତ ଭୃଣ ନଥିବ ତାହେଲେ ତାକୁ ଫିଙ୍ଗି ଦେବାକୁ ପଡେ ।




## ଅଣ୍ଡା ସାଇତିବା ଉପାୟ

ମାଇ କୁକୁଡା ଅଣ୍ଡା ଉପରେ ବସି ଉଷୁମେଇବା ପୂର୍ବରୁ ଅଣ୍ଡା ସଂଗ୍ରହ କରି ବ୍ୟବହାର କାରାଯାଏ। ଅଣ୍ଡାକୁ ଥଣ୍ଡା ଜାଗାରେ ଗୋଟିଏ ପାଛିଆରେ ରଖାଯାଏ। ଖରା ଦିନରେ କୁକୁଡ଼ା ଅଣ୍ଡା ଦେବାର ୫-୭ ଦିନ ମଧ୍ୟରେ ଅଣ୍ଡାକୁ ଖାଇବା ଉଚିତ୍। ଯଦି ଅଣ୍ଡାର ଉପର ଖୋଳ ଭଙ୍ଗା ଥାଏ, ଯଥାଶୀଘ୍ର ରାନ୍ଧି ଖାଇଦିଅନ୍ତୁ। ଅଣ୍ଡା କୁ ପାଣିରେ ବୁଡାଇ ଭଲ କି ଖରାପ ଜାଣିହୁଏ। ଗୋଟିଏ ଛୋଟ ପାତ୍ରରେ ପାଣି ରଖି ଅଣ୍ଡାକୁ ବୁଡାଇଲେ, ଖରାପ ହୋଇଥିବା ଅଣ୍ଡା ପାଣିରେ ଭାସିବ। ଭଲ ଓ ତାଜା ଅଣ୍ଡା ପାଣିରେ ବୁଡିଯିବ। ଅଣ୍ଡାକୁ ରେଫ୍ରିଜିରେଟରରେ ୨ ମାସ ପର୍ଯ୍ୟନ୍ତ ସାଇତି ରଖାଯାଇପାରେ। ଅଣ୍ଡା ଉପର ଖୋଳକୁ ଭଲଭାବେ ସଫାକରି ତେଲ ଲଗାଇ ବେଶୀ ଦିନ ଯାଏଁ ସାଇତି ରଖିହେବ। ଅଣ୍ଡାକୁ ଖାଇବା ପୂର୍ବରୁ ସଫାକରନ୍ତୁ। ଅଣ୍ଡାରୁ ଚିଆଁ ଫୁଟେଇବାକୁ ଥିଲେ ଅଣ୍ଡାକୁ ପାଣିରେ ଧୁଅନ୍ତୁ ନାହିଁ କାରଣ ଅଣ୍ଡା ଖୋଳପା ଉପରେ ଥିବା ଅତି ପତଳା ଆବରଣ ଯାହା ଜୀବାଣୁ ସଂକ୍ରମଣରୁ ଅଣ୍ଡାକୁ ରକ୍ଷାକରେ।

# ଖରାଦିନରେ ଅଣ୍ଡା ଉଷୁମେଇବା ପଦ୍ଧତି

ଖରା ଦିନରେ ସାଧାରଣତଃ ବାହ୍ୟ ଉତ୍ତାପ ବଢିଯାଇଥାଏ ଅର୍ଥାତ ୪୦° ସେଣ୍ଟିଗ୍ରେଡ ଉର୍ଦ୍ଧକୁ ଚାଲିଯାଏ । ଏଥିରେ ଅଣ୍ଡା ୧୦-୧୫ ଦିନ ପର୍ଯ୍ୟନ୍ତ ରହିବା ଦ୍ୱାରା ଭ୍ରୂଣ ବୃଦ୍ଧି ହୁଏ ନାହିଁ ଅର୍ଥାତ ଅଣ୍ଡା ଖରାପ ହୋଇଯାଏ । ସେଥିପାଇଁ ଖରାଦିନରେ ପ୍ରାୟ ୪୦-୫୦ ପ୍ରତିଶତ ଅଣ୍ଡାରୁ ଛୁଆ ହୁଏ । ଥରେ ଥରେ ଆହୁରି କମ୍ ମଧ୍ୟ ହୋଇଯାଏ ।

**ପ୍ରଥମ ପଦ୍ଧତି:** ସାଧାରଣତଃ ପୁରୁଣା ଅଣ୍ଡା ସବୁ (ଅର୍ଥାତ ପ୍ରଥମ ୫ ଦିନର ଅଣ୍ଡା) ଖରା ଦିନେ ଖରାପ ହେଇଯାଇଥାଏ । ତେଣୁ ଯଦି ସେହି ଅଣ୍ଡା ବାହାର କରି ଘରେ ବ୍ୟବହାର କରାଯାଏ ତାହାହେଲେ ଖରାଦିନରେ ଅଣ୍ଡା ଫୁଟିବା ପ୍ରତିଶତରେ ଉନ୍ନତି ହୋଇପାରିବ ।

ଦ୍ୱିତିୟ ପଦ୍ଧତି: ଏହି ପଦ୍ଧତିରେ ଅଣ୍ଡାକୁ ବାହ୍ୟ ଉତ୍ତାପ ଠାରୁ ପ୍ରାୟ ୪° ସେଣ୍ଟିଗ୍ରେଡ୍ ଉତ୍ତାପ କମ୍ କରି ସାଇତି ରଖାଯାଏ ।

- ଗୋଟିଏ ଖୋଲା ମୁହାଁ ମଧ୍ୟମ ଧରଣ ମାଟି ହାଣ୍ଡି ଆଣନ୍ତୁ ।
- ଏଥିରେ ୩ଭାଗ ଶୁଖିଲା ବାଲି ଏବଂ ଏକ ଭାଗ ମାଟି ମିଶେଇ ଦିଅନ୍ତୁ ।
- ତା ପରେ ଏହି ସମିଶ୍ରଣରେ ପାଣି ପକେଇ ଓଦା କରିଦିଅନ୍ତୁ ।
- ଏହା ମାଟି ହାଣ୍ଡିର ମୁହଁ ପର୍ଯ୍ୟନ୍ତ ମାଟି ଏବଂ ବାଲିର ମିଶ୍ରଣ ଭରି ଦିଅନ୍ତୁ ।
- ଗୋଟିଏ ଶୁଖିଲା ଅଖା ଖଣ୍ଡ ବା ମୋଟା ପୁରୁଣା ଲୁଗା ହାଣ୍ଡିର ମୁହଁରେ ଥୋଇ ଦିଅନ୍ତୁ, ଯେମିତି ଏହା ଓଦା ହେବ ନାହିଁ ।
- କୁକୁଡା ପ୍ରତିଦିନ ଗୋଟିଏ ଲେଖାଏଁ ଅଣ୍ଡା ଦିଅନ୍ତି । ଏମିତି ପ୍ରାୟ ୧୨ ରୁ ୧୫ ଦିନ ପର୍ଯ୍ୟନ୍ତ ଦେଇଥାନ୍ତି । ଏହି ସବୁ ଅଣ୍ଡା ପ୍ରତିଦିନ ବାହାର କରି ହାଣ୍ଡିରେ ରଖନ୍ତୁ ।
- ଏହି ଅଣ୍ଡା ଥିବା ହାଣ୍ଡିଟି ଗୋଟିଏ ରେଫ୍ରିଜିରେଟର ଭଳିଆ କାମ କରିବ ଏବଂ ଏହାର ଉତ୍ତାପ ପ୍ରାୟ ୪° ସେଣ୍ଟିଗ୍ରେଡ଼ ବାହ୍ୟ ଉତ୍ତାପ ଠାରୁ କମ ରହିବ ।
- ଏହି ଅଣ୍ଡା ଥିବା ହାଣ୍ଡିଟି ଘରର ଥଣ୍ଡା ଓ ମୁକ୍ତ ପବନ ଚଳାଚଳ ହେଉଥିବା ସ୍ଥାନରେ ରଖନ୍ତୁ ଏବଂ ଦେଖନ୍ତୁ ଯେମିତି କୁକୁର, ବିରାଡି ଅଣ୍ଡା ଖାଇ ନ ଦିଅନ୍ତି ।
- କୁକୁଡା ଅଣ୍ଡା ଦେଇ ସାରିବା ପରେ ସବୁ ଅଣ୍ଡା ସଂଗ୍ରହ କରନ୍ତୁ ଏବଂ ବସାରେ ରଖି କୁଡକି ମାଈ କୁକୁଡାକୁ ଉଷୁମେଇବାକୁ ସୁଯୋଗ ଦିଅନ୍ତୁ ।
- ଏହି ପଦ୍ଧତିରେ ପ୍ରାୟ ୮୦ ପ୍ରତିଶତରୁ ଅଧିକ ଚିଆଁ ଫୁଟି ଥାନ୍ତି । ଏହା ଓଡିଶାର ମୟୁରଭଞ୍ଜ ଜିଲ୍ଲାର ଲୋକଙ୍କ ଦ୍ୱାରା ଭାରି ଆଦୃତ ।

## ଖରା ଦିନରେ ଅଣ୍ଡା ଉଷୁମେଇବା ପଦ୍ଧତି



୩ ଭାଗ ଶୁଖିଲା ବାଲି ଓ ୧ ଭାଗ ମାଟି ମିଶାନ୍ତୁ ।



ଅଳ୍ପ ପାଣି ଦେଇ ଓଦା କରନ୍ତୁ ।



ଓସାରିଆ ମାଟି ହାଣ୍ଡିର ମୁହଁ ପର୍ଯ୍ୟନ୍ତ ଓଦା ବାଲି ଓ ମାଟି ଭରନ୍ତୁ ।



ହାଣ୍ଡିର ମୁହଁରେ ଶୁଖିଲା ଅଖା ବା ମୋଟା ଲୁଗା ରଖନ୍ତୁ ।



ଅଣ୍ଡା ଦେଉଥିବା କୁକୁଡ଼ାରୁ ପ୍ରତ୍ୟେକ ଦିନ ଅଣ୍ଡା ସଂଗ୍ରହ କରି ହାଣ୍ଡି ଉପରେ ରଖନ୍ତୁ ।

## ଚିଆଁ ପାଳନ

❍ ଅଣ୍ଡାରୁ ଛୁଆ ଫୁଟିବା ପରେ ୬ ସପ୍ତାହ ପର୍ଯ୍ୟନ୍ତ ଚିଆଁ ପାଇଁ ଉତ୍ତାପ ଆବଶ୍ୟକତା ରହିଛି । ଚିଆଁମାନେ ତା'ର ମା' ଠାରୁ ପ୍ରାକୃତିକ ଉପାୟରେ ଗରମ ପାଇଥାନ୍ତି । ଚଟାଣରେ ନଡା, ଶୁଖିଲା ତସୁ କିମ୍ବା ଶୁଖିଲା ପତ୍ର ଅଥବା ଖବର କାଗଜ ଦେଇ ଚିଆଁ ମାନଙ୍କୁ କୃତ୍ରିମ ଉପାୟରେ ଉତ୍ତାପ ଯୋଗାଇ ଦିଆଯାଏ । ଏହା ଦ୍ୱାରା ଥଣ୍ଡାରୁ ଚିଆଁଙ୍କୁ ରକ୍ଷା ମିଳିଥାଏ । ଶୀତ ଦିନରେ ଏବଂ ବର୍ଷାଦିନରେ ଥଣ୍ଡା ସକ୍ରେ ଛୋଟ ଚିଆଁ ମରିଯାନ୍ତି । ତେଣୁ କୃତ୍ରିମ ଉପାୟରେ ଉତ୍ତାପ ଯୋଗାଇବା ଅତି ଆବଶ୍ୟକ ।

କୃତ୍ରିମ ଉପାୟରେ ଚିଆଁମାନଙ୍କୁ ଉତ୍ତାପ ଯୋଗାଣ



❍ କୃତ୍ରିମ ଉପାୟରେ ଉତାପ ଯୋଗାଇବା ପାଇଁ "ବୃଡର"ର ଆବଶ୍ୟକତା ରହିଛି । ବିଭିନ୍ନ ପ୍ରକାର ବୃଡର ବ୍ୟବହାର ହୋଇଥାଏ । ସେଗୁଡିକ ହେଲା

କ) ହୋଭର (କାଠ କିମ୍ବା ଟିଣରେ ତିଆରି ବୃଡର)

ଖ) ବାଉଶ ବତା ଗାର୍ଡ଼ ସହ ଲଣ୍ଠନ ବୃଡର

ଗ) ବାଉଁଶ ଟୋକେଇ ବୃଡର

ଘ) କୋଇଲା ଚେମିଣି ବୃଡର

☐ ଶୀତ ଦିନେ ଦେଶୀକୁକୁଡା ନିଜ ଡେଣା ଓ ପେଟ ମଝିରେ ଚିଆଁ ମାନଙ୍କୁ ରଖି ଉଷୁମ୍ ରଖିଥାଏ କିନ୍ତୁ ବିଦେଶୀ କିଷମ କୁକୁଡାଙ୍କ ଏହି ସହଜାତ ପ୍ରବୃତି ଦେଖାଯାଏ ନାହିଁ ।

## ଚିଆଁ ପାଇଁ ଖାଦ୍ୟ ବ୍ୟବସ୍ଥା

♦ ମାଇ କୁକୁଡାଙ୍କୁ ତା'ର ଚିଆଁ ସହିତ ଘର ଅଗଣାରୁ ଅତି ଦୂରକୁ ଯିବାକୁ ଦିଅନ୍ତୁ ନାହିଁ । ନିକଟରେ ଘରର ଆବର୍ଜନା ଗଦା କିମ୍ବା ଖତ ଗଦା ପାଖକୁ ଛାଡନ୍ତୁ, ପୋକଜୋକ ଖାଇବେ ।

♦ ଘର ପଛ ପଟେ ଗୋବର ଖତରୁ ଚିଆଁ କୁକୁଡା ମାନେ ବିଭିନ୍ନ ପୋକଯୋକ, ଜିଆ, ମାଛି ଲାର୍ଭା ଖାଦ୍ୟ ଭାବରେ ପାଇଥାନ୍ତି ।

♦ ଘର ଅଗଣାରେ କୁକୁଡା ଓ ଚିଆଁମାନଙ୍କ ପାଇଁ ପାଣି ଓ ଖାଦ୍ୟର ବ୍ୟବସ୍ଥା କରିଦିଅନ୍ତୁ ଏବଂ ନିର୍ମଳ ପାଣି ଗୋଟିଏ ଥାଳିରେ ଯୋଗେଇ ଦିଅନ୍ତୁ । ସନ୍ଧ୍ୟା ସମୟରେ ଖାଦ୍ୟ ପାତ୍ରରେ ଅତିରିକ୍ତ ଖାଦ୍ୟ ଦିଅନ୍ତୁ ।

♦ ବର୍ଷା ହେଲେ କୁକୁଡାମାନଙ୍କୁ ଘରକୁ ନେଇ ଆସନ୍ତୁ ତା ନହେଲେ କୁକୁଡା ଚିଆଁମାନେ ନାଳରେ ଭାସିଯାଇପାରନ୍ତି । ବେଳେ ବେଳେ ଚିଆଁମାନଙ୍କ ଗୋଡରେ ବାଳ, ସୁତା ଲାଗିଯିବାରୁ ସେମାନେ ଛନ୍ଦି ହୋଇ ଚାଲିପାରନ୍ତି ନାହିଁ, ଯେ କେହି ଖାଇଯିବାର ସମ୍ଭାବନା ଥାଏ । ତେଣୁ ମଝିରେ ମଝିରେ ଚିଆଁମାନଙ୍କ ଉପରେ ନଜର ରଖନ୍ତୁ ।

♦ ଦାନାପାତ୍ରଟିକୁ ଗୋଟିଏ କାଠପଟା କିମ୍ବା ବଡ ପ୍ଲେଟ୍ ଉପରେ ରଖିଲେ, କୁକୁଡାମାନେ ଦାନା ଖାଇଲା ବେଳେ ଯାହା ଦାନା ତଳେ ପଡେ, ତାହା ପୁଣି ବ୍ୟବହାର ହୋଇପାରିବ ।

♦ ପାଣିପାତ୍ରଟି ଦାନାପାତ୍ରର ଅଳ୍ପ ଦୂରରେ ରଖିବା ଆବଶ୍ୟକ । ଚଉଡା ମୁହଁ ପାତ୍ର ଯଥା ତସଲା, ସରା ଇତ୍ୟାଦିରେ ପାଣି ଦିଆଯାଏ ।

♦ ଦାନା ଓ ଜଳ ପାତ୍ର ଭୂମିଠାରୁ ଉପରେ ଝୁଲାଇ ଟଙ୍ଗାଯାଏ ଏବଂ ଏହାର ଉଚ୍ଚତା କୁକୁଡା ବୟସ ଓ ଆକାର ଦେଖି ନିର୍ଣ୍ଣୟ କରାଯାଏ । ଦାନାପାତ୍ରର ଫେନ୍ଦ ଉଚ୍ଚତା କୁକୁଡାଙ୍କର ପିଠିଠାରୁ ଅଧଇଂଚ ଉଚ୍ଚତାରେ ରହିବ ।

♦ ଏହିପରି ଦାନା ଦେବା ପଦ୍ଧତି ଉନ୍ନତ ଧରଣ କୁକୁଡା ପାଳନରେ ମଧ୍ୟ ଅବଲମ୍ବନ କରାଯାଏ ।

## କ୍ରିପ ଖାଇବା ପଦ୍ଧତି

□ ଚିଆଁମାନଙ୍କୁ ଗୋଟିଏ ବାଉଁଶ ତିଆରି ଝାମ୍ପରେ ଉବୁଡେଇ ରଖି ତା ଭିତରେ ଅଲଗା ଖାଇବାକୁ ଦିଅନ୍ତୁ । ସେଥିରେ ଚାରିଗୋଟି ୫-୬” X ୫-୬”ର ରନ୍ଧ୍ର କରିଦିଅନ୍ତୁ, ଯେମିତିକି ଚିଆଁମାନେ ସହଜରେ ଝାମ୍ପ ଭିତରେ ପଶି ପାରିବେ । ଏହାଦ୍ୱାରା ମାଁ କୁକୁଡା ଝାମ୍ପ ଭିତରକୁ ପଶିପାରିବ ନାହିଁ । ଏହାକୁ କ୍ରିପ ଖାଇବା ପଦ୍ଧତି କୁହାଯାଏ ।




ଚିଆଁମାନେ କ୍ରିପର୍ ଭିତରକୁ ଯାଇ ଖାଦ୍ୟ ଖାଇଥାନ୍ତି ।

- ଝାମ୍ପର ମଝିରେ ଗୋଟିଏ ପ୍ଲେଟରେ ସୂକ୍ଷ୍ମ ଖୁଦଗୁଣ୍ଡ ବା ସୁଜିଗୁଣ୍ଡ ରଖନ୍ତୁ । ୨-୪ ସପ୍ତାହ ବୟସ ପର୍ଯ୍ୟନ୍ତ ଚିଆଁଙ୍କୁ ଏହା ଖାଇବାକୁ ଦିଆଯାଏ ।
- ଛୋଟ ପ୍ଲେଟରେ ନିର୍ମଳ ପାଣି ରଖନ୍ତୁ ଯେମିତି ଚିଆଁ ମାନେ ସହଜରେ ପିଇ ପାରିବେ ।
- ଚିଆଁ ୩ ସପ୍ତାହ ହେଲାପରେ ଟିକିଏ ପିଡିଆଗୁଣ୍ଡ ବା ମାଛ ଗୁଣ୍ଡ ଦାନାରେ ମିଶାନ୍ତୁ ।
- ଚିଆଁ ମାନେ ୪ ସପ୍ତାହ ହେଲା ପରେ ପାଣିରେ ମିଶାଇ କୁଣ୍ଡା, ପିଡିଆ ଏବଂ ଖୁଦ ବା ମକା ଗୁଣ୍ଡ ମିଶ୍ରିତ ଦାନା ଚିଆଁଙ୍କୁ ଦିଅନ୍ତୁ ।
- ଏହା ଦ୍ୱାରା ଚିଆଁମାନେ ଶୀଘ୍ର ବଢିବେ ଏବଂ ମୃତ୍ୟୁହାର କମିବ । ଏହି ସମୟରେ ଉଇ ଖାଇବାକୁ ଦେଲେ ଅତ୍ୟନ୍ତ ଭଲ ।

## ଚିଆଁଙ୍କୁ ଚିଲ, ଛଂଚାଣ ଓ କାଉମାନଙ୍କ ଦାଉରୁ ରକ୍ଷା

- ଚିଲ, ଛଂଚାଣ ଓ କାଉମାନେ ବହୁ ଉଚ୍ଚରେ ଉଡି ତାଙ୍କର ଆହାର ଖୋଜିଲା ବେଳେ କୁକୁଡା ଚିଆଁମାନେ ସେମାନଙ୍କର ଶିକାର ହୁଅନ୍ତି ।
- କାଉ ଏବଂ ଛଂଚାଣ ମାନଙ୍କଠାରୁ ଚିଆଁମାନଙ୍କୁ ମାଁ ତାର ଡେଣା ଭିତରେ ଲୁଚାଇ ରଖିଦିଏ ।
- ଯଦି ବାଡରେ ଗଛ ଅଛି କିମ୍ବା ଆପଣ କାନ୍ଦୁଲ ବା ହରଡ଼ ଗଛ ଲଗାନ୍ତି, ତାହା ହେଲେ ଚିଆଁ ମାନେ ଚିଲ, ଛଂଚାଣ ଓ କାଉମାନଙ୍କର ଆକ୍ରମଣରୁ ରକ୍ଷା ପାଇବାକୁ ଏଥିରେ ଲୁଚି ପାରିବେ ।
- ଯଦି ଆପଣ ପୁରୁଣା ଲମ୍ବା ଟେପ (ଗୀତଟେପ)କୁ ଅଗଣାରେ ବାନ୍ଧି ଝୁଲେଇ ଦେବେ, ଅବା ଜମି ଉପରେ ଦର୍ପଣ ଖଣ୍ଡ ରଖିବେ ତାହାହେଲେ ଚିଆଁ ମାନଙ୍କୁ କାଉ ଏବଂ ଚିଲର ଆକ୍ରମଣକୁ ରୋକି ପାରିବେ ।

## କୁକୁଡା ମାନଙ୍କୁ କଟାସ, ବିଲେଇ ଓ ଅନ୍ୟାନ୍ୟ ଶିକାରୀ ପଶୁଠାରୁ ରକ୍ଷା:

- ଗାଁ ପାଖରେ ଜଂଗଲ ଥିଲେ କିମ୍ବା ଗାଁଟି ଜଂଗଲ ଭିତରେ ଥିଲେ, କମ୍ ଓଜନିଆ କୁକୁଡା ରଖିବା ଉଚିତ୍, କାରଣ ନିଜେ ଉଡ଼ି ବନ୍ୟ ଜନ୍ତୁଙ୍କ ଆକ୍ରମଣରୁ ଆତ୍ମରକ୍ଷା କରିପାରିବେ । ସୂର୍ଯ୍ୟ ଅସ୍ତ ହେବା ବେଳକୁ କିମ୍ବା ଅପରାହ୍ନ ସମୟରେ ବନ୍ୟ ଜନ୍ତୁ କୁକୁଡ଼ାକୁ ଆକ୍ରମଣ କରିଥାନ୍ତି । ତେଣୁ ଘର ଚାରିପାଖରେ ଥିବା ବୁଦାକୁ ସଫା କରି ଦେବା ଉଚିତ୍ । ବଣ ବିରାଡ଼ି ବା ନେଉଳଙ୍କ ପ୍ରାଦୁର୍ଭାବ ଅଧିକ ଥିଲେ, ବଡ଼ ମୂଷା ଧରା ଯନ୍ତାରେ ଧରି ଦୂର ଜଂଗଲରେ ଛାଡ଼ି ଦିଅନ୍ତୁ ।

## ଶିକାରୀ ଜନ୍ତୁ




ମାଁ କୁକୁଡ଼ା ତାର ଚିଆଁକୁ ଡ଼େଣା ଭିତରେ ରଖି କାଉ ଓ ଚିଲ ଆକ୍ରମଣରୁ ରକ୍ଷା କରୁଛି ।





ଘଞ୍ଚ ବୁଦା ଓ ଗଛ ଭିତରେ ଚିଆଁମାନଙ୍କୁ ଲୁଚେଇ ରଖି ଚିଲ ଓ କାଉ ଆକ୍ରମଣରୁ ମା କୁକୁଡ଼ା ରକ୍ଷା କରେ ।

# କୁକୁଡ଼ା ଖାଦ୍ୟ

## ଖାଦ୍ୟ ଓ ପାଣି

❍ ଦେଶୀ କୁକୁଡାମାନେ ବାହାରେ ଚରି ବୁଲି ଆବଶ୍ୟକ ଅନୁଯାୟୀ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏଣେତେଣେ ବୁଲି ବିଭିନ୍ନ ପୋକଜୋକ, ଉଈ ଓ ସବୁଜ ଘାସ ମଧ୍ୟ ଖାଇଥାନ୍ତି ।

❍ ଶସ୍ୟ ଅମଳ ସମୟରେ ସେମାନେ ବହୁତ ପରିମାଣରେ ଖାଦ୍ୟ ଶସ୍ୟ ଜମିରୁ ପାଇଥାନ୍ତି ।

❍ କୁକୁଡା ପାଇଁ ସାଧାରଣତଃ ପୁଷ୍ଟିସାର ଜାତୀୟ ଅତିରିକ୍ତ ଖାଦ୍ୟ ଆବଶ୍ୟଜ ହୋଇଥାଏ ।

❍ ସାଧାରଣତଃ ପରିବାରର ମହିଳା ମାନେ ଖୁଦ, କୁଣ୍ଡା,ଦାନା,ମାଣ୍ଡିଆ ଓ ପରିବା ଚୋପା ଇତ୍ୟାଦି କୁକୁଡାକୁ ଖାଦ୍ୟ ହିସାବରେ ଦେଇଥାନ୍ତି । ଉକ୍ତ ଖାଦ୍ୟ ସତେଜ ହେବା ଆବଶ୍ୟକ ଓ ଏହାକୁ ପ୍ରତ୍ୟେକ ଦିନ ଏକ ଖାଦ୍ୟ ପାତ୍ରରେ ଦେବା ଆବଶ୍ୟକ ।

❍ ଏହି ଖାଦ୍ୟ ସାଧାରଣତଃ ଅଗଣାରେ ଦିଆଯାଇଥାଏ ।

❍ ମାସେ ରୁ ୨ମାସ ବୟସ ଚିଆଁ ମାନଙ୍କୁ ଘୋଡାଇ ରଖି ଅତି ଛୋଟ ଖୁଦ ଗୁଣ୍ଡ ବା ସୁଜିଗୁଣ୍ଡ ଦେବା ଦରକାର। କାରଣ ଶିକାରୀ ଜନ୍ତୁ, କୁକୁର, କୁଆ, ଚିଲ ଖାଦ୍ୟ ପାଇଁ କୁକୁଡା ଚିଆଁକୁ ଆକ୍ରମଣ କରିପାରନ୍ତି ।

❍ ଗାଁରେ ଲୋକେ ବର୍ଷାଋତୁ ଆରମ୍ଭ ଠାରୁ କୁକୁଡା ସଂଖ୍ୟା କମେଇ ଦିଅନ୍ତି, କାରଣ ଏମାନେ ଘର ବଗିଚାକୁ କ୍ଷତିକରିଥାନ୍ତି । ତେଣୁ ୪-୬ ଟି ମାଈ ଏବଂ ଗୋଟିଏ ଗଞ୍ଜା ରଖିଥାନ୍ତି । ଏହାଦ୍ୱାରା ପାରିପାର୍ଶ୍ଵିକ ସନ୍ତୁଳନ ବଜାୟ ରହିଥାଏ ।

❍ ଶୀତଋତୁରେ ନଭେମ୍ବରରୁ ଗାଁରେ କୁଡୁକି କୁକୁଡା ଅଣ୍ଡା ଉଷୁମେଇ ଛୁଆ ଫୁଟେଇଥାଏ।

❍ କୁକୁଡା ବାହାରକୁ ଖାଦ୍ୟ ଅନ୍ୱେଷଣରେ ଗଲେ ଶିକାରୀ ଜନ୍ତୁ ଓ ଚୋର ଆକ୍ରମଣ କରିଥାନ୍ତି । ତେଣୁ ସେଥିପ୍ରତି ନଜର ରଖିବା ଉଚିତ୍ ।

❍ ସାଧାରଣତଃ ୨-୪ ଟି ମାଈ କୁକୁଡା ଏବଂ ମୋଟ ୮-୧୦ ଗୋଟି କୁକୁଡା ରଖିଥିଲେ ବାହାରେ ଚରିବୁଲି ଯଥେଷ୍ଟ ଖାଦ୍ୟ ସଂଗ୍ରହ କରିପାରନ୍ତି। ଯଦି ମାଈ କୁକୁଡା ୫ଟି ଓ ମୋଟ ୨୦ ଟି କୁକୁଡା ରଖିଥିଲେ,ଘର ଚାରିପାଖେ ଚରିବୁଲି ଆବଶ୍ୟକ ମୁତାବକ ଖାଦ୍ୟ ପାଇପାରନ୍ତି ନାହିଁ। ଏଣୁ ଅତିରିକ୍ତ ଖାଦ୍ୟ ବାବଦରେ କୁଣ୍ଡା, ଧାନ ଓ ଖୁଦ ଦିନରେ ୨ ଥର ଦେବାକୁ ପଡେ ।

## କୁକୁଡା ଖାଦ୍ୟ ଉପାଦାନ

♦ କୁକୁଡ଼ାମାନଙ୍କ ପାଇଁ ମକା, ବାଜରା, ଜୁଆର (ଖେଡ଼ ଜନା), ଗହମ, ମାଣ୍ଡିଆ, ଖୁଦ, କୁଣ୍ଡା, କାଣ୍ଡିଆ କୁଣ୍ଡା, ଚୋକଡ ଇତ୍ୟାଦି ଖାଦ୍ୟଶସ୍ୟ ଖାଇବାକୁ ଦିଆଯାଏ । ଅଳ୍ପ ପାଣିରେ ଏହି ଖାଦ୍ୟପଦାର୍ଥକୁ ଚକଟି ଖାଇବାକୁ ଦିଆଯାଏ । ଶୁଖିଲା ଦାନା ଦାନାପାତ୍ରରେ ସଘନ ପ୍ରଣାଳୀରେ କୁକୁଡାଙ୍କୁ ଖାଇବାକୁ ଦିଆଯାଏ ।

♦ ସୂର୍ଯ୍ୟମୁଖୀ, ଚିନାବାଦାମ, ସୋୟାବିନ, ରାଶି ଓ ସୋରିଷ ପିଡ଼ିଆ ଗୁଣ୍ଡ ମଧ୍ୟ ଦାନାରେ ମିଶାଇ ଦିଆଯାଏ ।

♦ ଶୀଘ୍ର ବଢିବା ପାଇଁ ଓ ଅଧିକ ଅଣ୍ଡା ପାଇବା ପାଇଁ, କୁକୁଡ଼ାମାନଙ୍କୁ ଶୁଖୁଆଗୁଣ୍ଡ, ଗେଣ୍ଡା, ଶାମୁକା ଗୁଣ୍ଡ ଓ ହାଡ ଗୁଣ୍ଡ ଦିଆଯିବା ଆବଶ୍ୟକ । ଅଳ୍ପ ଲୁଣ ଅତି ଆବଶ୍ୟକ । ହାଡ ଗୁଣ୍ଡ ଓ ଶାମୁକା ଗୁଣ୍ଡ ୨ ପ୍ରତିଶତ ହିସାବରେ ଦିଆଯାଏ ।

♦ ଶାଳମଞ୍ଜି, କପାମଞ୍ଜି ଗୁଣ୍ଡ, ଜୁଆର ଗୁଣ୍ଡ ଇତ୍ୟାଦି ମଧ୍ୟ କୁକୁଡ଼ା ଖାଦ୍ୟରେ ବ୍ୟବହାର ହୁଏ । ଏହାର ମିଶ୍ରଣ ଦାନାରେ ୫ ପ୍ରତିଶତରେ ସୀମିତ ରଖାଯାଏ ।

♦ କୁକୁଡ଼ାମାନେ ମଧ୍ୟ ଘର ଅଗଣାରେ ଥିବା ଛୋଟ ଛୋଟ ଘାସ ପତ୍ରର କଅଁଳ ଅଂଶ ଖାଆନ୍ତି ।

♦ ଦେଶୀ କୁକୁଡାଙ୍କୁ ଖାଦ୍ୟପାଇଁ ଆଜୋଲା, ଧଳା ଉଈ, କେଞ୍ଚୁଆ (ଜିଆ) ଉତ୍ପାଦନ କରାଇ କୁକୁଡ଼ାମାନଙ୍କୁ ଖାଇବାକୁ ଦିଆଯାଏ ।



## ନିଜ ଘରେ କୁକୁଡ଼ା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ

- ଗୋଟିଏ ବଡ଼ କୁକୁଡାକୁ ବାହାରେ ଚରିବୁଲି ଖାଦ୍ୟ ସଂଗ୍ରହ କରି ଆସିବା ପରେ ଦିନକୁ ୫୦-୬୦ ଗ୍ରାମ ଘର ତିଆରି ଦାନା ଦେବା ଉଚିତ । ଦେଶୀ କୁକୁଡ଼ା ମାନେ ଚରିବୁଲି ସାଧାରଣତଃ ପ୍ରୋଟିନ ବହୁତ କମ ପାଇଥାନ୍ତି ଏବଂ ଏହା ଯଦି ଭରଣ କରାଯାଏ କୁକୁଡାମାନେ ଅତି ଶିଘ୍ର ବଢିଥାନ୍ତି ଏବଂ ମୃତ୍ୟୁ ହାର କମିଥାଏ ଓ ଅଣ୍ଡା ଅଧିକ ଦିଅନ୍ତି । ପୃଷ୍ଟିସାର ଭରଣା ପାଇଁ ଆଜୋଲା, ଶୁଖିଲା ମାଛ ଗୁଣ୍ଡ, ଛୁଇଁ ଜାତୀୟ ଗଛର ଶୁଖିଲା ପତ୍ର, ପିଡିଆ ଗୁଣ୍ଡ ଇତ୍ୟାଦି ଦିଆଯାଏ ।

ନିଜ ଘରେ କୁକୁଡ଼ା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ



ଆପଣ ଏ ନିମ୍ନଲିଖିତ ଦାନା ତିଆରି ପ୍ରଣାଳୀରେ କୁକୁଡ଼ା ଦାନା ତିଆରି କରନ୍ତୁ, ଯାହା କମ୍ ଖର୍ଚ୍ଚରେ ହେବ ।

## ସୂତ୍ର – ୧

| | |
|---|---|
| ଚାଉଳଖୁଦ / ମକା ଗୁଣ୍ଡ/ ମାଣ୍ଡିଆ ଗୁଣ୍ଡ/ ଗହମ ଗୁଣ୍ଡ | – ୩୦ ଭାଗ |
| କୁଣ୍ଡା ବା ଚୋକଡ | – ୫୫ ଭାଗ |
| ମାଛ ଗୁଣ୍ଡ ବା ଶୁଖୁଆ ଗୁଣ୍ଡ ବା ସୋୟାବିନ କେକ୍ | – ୧୦ ଭାଗ |
| ପିଡ଼ିଆ (ବାଦାମ/ ସୋରିଷ/ ରାଶି) | – ୫ ଭାଗ |
| ମୋଟ | ୧୦୦ ଭାଗ |

ଯେହେତୁ ଶୁଖୁଆ ଗୁଣ୍ଡରେ ଲୁଣ ଥାଏ, ଯଦି ଶୁଖୁଆ ଗୁଣ୍ଡ ଦାନାରେ ମିଶ୍ରଣ କରାଯାଇନଥାଏ ଦାନାରେ ୧ ପ୍ରତିଶତ ଲୁଣ ମିଶାଯାଏ ।

## ସୂତ୍ର – ୨

| | |
|---|---|
| ଚାଉଳ ଖୁଦ / ମକା ଗୁଣ୍ଡ/ ମାଣ୍ଡିଆ ଗୁଣ୍ଡ/ ଗହମ ଗୁଣ୍ଡ | – ୩୦ ଭାଗ |
| କୁଣ୍ଡା ବା ଚୋକଡ | – ୫୫ ଭାଗ |
| ପିଡ଼ିଆ (ବାଦାମ/ ସୋରିଷ/ ରାଶି) | – ୧୫ ଭାଗ |
| ମୋଟ | ୧୦୦ ଭାଗ |

ଏହି ସବୁକୁ ଗୁଣ୍ଡକରି ଭଲ ଭାବରେ ମିଶାନ୍ତୁ ଏବଂ ଟିକିଏ ଓଦାକରି ଚକଟି କୁକୁଡ଼ାଙ୍କ ସକାଳୁ ଓ ସଂନ୍ଧ୍ୟାରେ ଚରିବୁଲି ଆସିବା ପରେ ଖାଇବାକୁ ଦିଅନ୍ତୁ ।

☐ ମାଛଗୁଣ୍ଡ ଯୁକ୍ତ ଦାନା କୁକୁଡାକୁ ଖାଇବାକୁ ଦେଲେ ଗୋଟିଏ ମାଈ କୁକୁଡ଼ା ଗୋଟିଏ ମୁଥରେ ୨ରୁ ୩ଟି ଅଧିକ ଅଣ୍ଡା ଦିଏ । ଅଣ୍ଡାର ଆକାର ମଧ୍ୟ ବଡ ହୁଏ, ଅର୍ଥାତ ଚିଆଁ ଜନ୍ମ ହେଲା ବେଳକୁ ସୁସ୍ଥ ସବଳ ହୋଇଥାଏ । ଏହାଦ୍ୱାରା ଚିଆଁ ମୃତ୍ୟୁ ସଂଖ୍ୟା କମିଥାଏ ।

☐ କୁକୁଡ଼ାମାନଙ୍କ ପାଇଁ ମକା, ବାଜରା ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟଗୁଡିକ ଅମଳ ସମୟରେ ସଂଗ୍ରହ କଲେ ଶସ୍ତା ହେବ ।

☐ କୁକୁଡ଼ାଙ୍କ ଦାନାରେ ବାଦାମ ପିଡିଆ, ସୂର୍ଯ୍ୟମୁଖୀ ପିଡିଆ, ସୋରିଷ ପିଡିଆ, ରାଶି ପିଡିଆ କିମ୍ବା ସୋୟାବିନ ପିଡିଆ ମିଶାଯାଏ ।

☐ ନିଜ ଗାଁରେ ମିଳୁଥିବା ଖାଦ୍ୟଶସ୍ୟର ସଦୁପଯୋଗ କରିବା ଆବଶ୍ୟକ । ଯେମିତି କୁଣ୍ଡା, ମାଣ୍ଡିଆ ଚୁନା ଇତ୍ୟାଦି ।  ସୁବାବୁଲ ଶୁଖିଲା ପତ୍ର ଗୁଣ୍ଡ ମଧ୍ୟ କୁକୁଡା ଦାନାରେ ଅଳ୍ପ ପରିମାଣ (ପାଂଚ ପ୍ରତିଶତ) ମିଶାଇ ପାରିବେ ।

☐ କୁକୁଡ଼ା ଦାନା ଉପାଦାନ ଅମଳ ସମୟରେ ସଂଗ୍ରହ କରି ବସ୍ତାରେ ସାଇତି ରଖନ୍ତୁ । ତାକୁ ଢିଙ୍କିରେ କୁଟି, ଚୁନା କରନ୍ତୁ । ଢିଙ୍କି ନଥିଲେ ଘରେ ଗୋଟିଏ ଗାଡ଼ କରି, ତା ଭିତରେ ଦାନା ଉପାଦାନ ପୁରାଇ ଗୋଟିଏ କାଠଦଣ୍ଡରେ ଗୁଣ୍ଡ କରାଯାଇପାରେ ।

☐ ଶାମୁକା ଓ ଗେଣ୍ଡାର ଖୋଳପା ଗାଁର ପୋଖରୀ, ଗଡ଼ିଆ, କେନାଲ ଓ ନଦୀରୁ ସଂଗ୍ରହ କରି ତାକୁ ଗୁଣ୍ଡ କରି ଶୁଖାଇ ବସ୍ତାରେ ରଖି ସେଥିରୁ କିଛି (ମୋଟ ଦାନାରେ ତିନି ପ୍ରତିଶତ) କୁକୁଡ଼ାମାନଙ୍କୁ ଖାଇବାକୁ ଦେଲେ କୁକୁଡ଼ା ଭଲ ଅଣ୍ଡା ଦେବେ ।



# କୁକୁଡା ଖାଦ୍ୟରେ ଉଇ ଉପଯୋଗ

- ଗାଁର ବାଡ଼ରେ ଏବଂ ଜଙ୍ଗଲରେ ଉଇମାନେ ଉଇ ହୁଙ୍କା କରିଥାନ୍ତି ।
- ଏଥିରେ ଗୋଟିଏ ୩'' ବିଶିଷ୍ଟ ରାଣୀ ଉଇ ଥାଏ, ଯାହାକି ଶହ ଶହ ଉଇକୁ ଜନ୍ମ କରିଥାଏ ।
- ଉଇ ହୁଙ୍କାକୁ କାଟି ସେଥିରୁ ଗୋଟିଏ ୬'' ବିଶିଷ୍ଟ ଉଇ ଖଣ୍ଡ ବାହାର କରି ଘରକୁ ଆଣନ୍ତୁ ।
- ଏହି ଉଇ ଖଣ୍ଡ ଭାରି ଟାଣ ତେଣୁ ତାକୁ ଛୁରୀରେ କଟାଯାଏ । ତାହାଦ୍ୱାରା ଛୋଟ ଛୋଟ ଉଇ ବାହାରକୁ ଆସିଥାନ୍ତି ।
- ଏହି ଛୋଟ ଉଇ ମାନଙ୍କୁ ଚିଆଁଙ୍କୁ ଖାଇବାକୁ ଦିଆଯାଏ ।
- ଏହି ଉଇରେ ବହୁତ ପରିମାଣରେ ପ୍ରୋଟିନ୍ ଏବଂ ଭିଟାମିନ ଥାଏ ଯାହା ଦ୍ୱାରା ଚିଆଁମାନେ ଖୁବ ଶୀଘ୍ର ହୃଷ୍ଟ ପୁଷ୍ଟ ହୋଇ ବଢିଥାନ୍ତି ।



# ଘର ଅଗଣାରେ ଉଈ ଉତ୍ପାଦନ




- ଆମେ ଘର ଅଗଣାରେ ଉଈ ଉତ୍ପାଦନ କରି କୁକୁଡାଙ୍କୁ ଖାଇବାକୁ ଦେଇପାରିବା ।
- ଏଥି ସକାଶେ ଆମକୁ ଗୋଟିଏ ପୁରୁଣା ବଡ ମୁହାଁ ମାଟି ହାଣ୍ଡି ଦରକାର ।
- ତା ସାଙ୍ଗକୁ କିଛି ଶୁଖିଲା ପତ୍ର, ଶୁଖିଲା କୁଟା, ଛିଣ୍ଡା ଅଖା, ଛିଣ୍ଡା କପଡା, ଶୁଖିଲା ଗୋବର ଓ ଖବର କାଗଜ ଖଣ୍ଡ ଦରକାର ।
- ଉଈ ହୁଁଙ୍କାରୁ ଗୋଟିଏ ଛୋଟ ଖଣ୍ଡ (ଉଈ ସହିତ) ଆଣିବେ ।
- ଏ ସବୁକୁ ପାଣି ଛିଞ୍ଚି କରି ଓଦା କରିଦେବେ ଓ ମାଠିଆ ଭିତରେ ରଖିବେ ।
- ମାଠିଆକୁ ଓଲଟାଇ ଜମିରେ ରଖିବେ । ମାଠିଆକୁ ଘର ବାଡରେ ଘର ପଛପଟ କାନ୍ଥ ପାଖରେ ୫ରୁ ୭ ଦିନ ରଖନ୍ତୁ ।
- ମାଠିଆର ତଳେ ଗୋଟିଏ ପଟରେ ଛୋଟ ପଥର ଖଣ୍ଡ, କିମ୍ବା କାଠଖଣ୍ଡ ରଖନ୍ତୁ । ଯାହାଦ୍ୱାରା ଆଂଶିକ ଭାବରେ ମାଠିଆ ମୁହଁ ଖୋଲା ରହିବ ।
- ଏଥି ଭିତରେ ବାହାରୁ ଉଈ ଆସି ମାଠିଆ ଭିତରେ ବସବାସ କରିବେ ।
- ଆପଣ ମାଈ କୁକୁଡା ଓ ଚିଆଁକୁ ନେଇ ଆସନ୍ତୁ ଓ ଉଈ ଥିବା ମାଠିଆକୁ ଓଲଟାଇ ଦିଅନ୍ତୁ; ଯାହାଦ୍ୱାରା ଚିଆଁମାନେ ସମସ୍ତ ଉଈକୁ ଖାଇଯିବେ ।

## ନିଜ ଘର ଅଗଣାରେ ଉଈ ବଢ଼େଇବା ପ୍ରଣାଳୀ




- ଆପଣ ଯଦି ସପ୍ତାହରେ ୫ ମାଠିଆ ଉଈ ତିଆରି କରିବେ ତାହା ଘରେ କୁକୁଡା ପାଳନରେ ଉପଯୋଗୀ ହେବ । ଘରେ ଯଦି ଆପଣଙ୍କର ପାଳଗଦା ଅଛି, ତାହା ହେଲେ ତାର ପାଖରେ ଗୋଟିଏ ପୁରୁଣା ଅଖାକୁ ତିନ୍ତେଇ ପକେଇ ଦିଅନ୍ତୁ । ୫ ରୁ ୭ ଦିନ ମଧ୍ୟରେ ଏହାର ତଳେ ଉଈ ଭରିଯିବେ । ଆପଣ ପୁରୁଣା ଅଖା ବଦଳରେ ଖବର କାଗଜ ମଧ୍ୟ ବିଛେଇ ପାରିବେ ।

- ଧଳା ଉଈକୁ କୁକୁଡାମାନେ ଖାଇଥାନ୍ତି ।

**ବିଶେଷ ଦ୍ରଷ୍ଟବ୍ୟ: ରଙ୍ଗ ପିମ୍ପୁଡି ମାନେ ଖରାଦିନେ ଉଈମାନଙ୍କୁ ଖାଇଥାନ୍ତି ।**

# ଆଜୋଲା ଚାଷ ଏବଂ ଏହା ଏକ କୁକୁଡ଼ା ଖାଦ୍ୟ

ଆଜୋଲା ଏକ ଅପୁଷ୍ପକ ଜାତୀୟ ଜଳଜ ଭାସମାନ ଉଦ୍ଭିଦ। ଏହାର ପତ୍ର ତଳଭାଗରେ ଅନାବାଏନା ଆଜୋଲି ନାମକ ଏକ ନୀଳହରିତ୍ ଶୈବାଳ ସହାବସ୍ଥାନ କରିଥାଏ। ଉପଯୁକ୍ତ ପରିବେଶରେ ଏକ ସପ୍ତାହ ସମୟ ମଧ୍ୟରେ ଏହା ଦୁଇରୁ ତିନିଗୁଣ ବୃଦ୍ଧି ପାଇଥାଏ। ଏହାର ଜଳୀୟ ଅଂଶ ୯୦ରୁ ୯୨ ଭାଗ ଥିଲାବେଳେ ଏଥିରେ କଠିନାଂଶ ଭିତ୍ତିରେ ପୁଷ୍ଟିସାର ୨୫ରୁ ୩୫ ଶତକଡ଼ା ଥାଏ। (୧ କିଗ୍ରା ଆଜୋଲା ପତ୍ରରେ ୨୦ରୁ ୩୦ ଗ୍ରାମ ପୁଷ୍ଟିସାର ଥାଏ)

ଆଜୋଲା ଉତ୍ପାଦନ ନିମନ୍ତେ ଗଛ ଛାଇରେ ୬.୫ ଫୁଟ ଦୈର୍ଘ୍ୟ, ୬.୫ ଫୁଟ ପ୍ରସ୍ଥ ଓ ୮ଇଞ୍ଚ ଗଭୀରର ଏକ ଖାଲ ଖୋଳା ଯାଇଥାଏ। ଏହି ଖାଲକୁ ପ୍ଲାଷ୍ଟିକ୍ ପଲିଥିନ୍ ଦ୍ୱାରା ଆବୃତ କରାଯାଇଥାଏ। ପ୍ରାୟ ୧୦ରୁ ୧୫ କିଗ୍ରା ଭଲ ଭାବେ ଚଲା ଉର୍ବର ମାଟି ପଲିଥିନ ଉପରେ ସମଭାବରେ ବିଛା ଯାଇଥାଏ। ଏହା ପରେ ୨ କିଗ୍ରା ସଦ୍ୟ ଗୋବର, ୩୦ ଗ୍ରାମ ସୁପର ଫସଫେଟ ସାରକୁ ୧ ଲିଟର ପାଣିରେ ଗୋଳାଇ ଖାଲରେ ସମାନ ଭାବେ ଢ଼ଳା ଯାଇଥାଏ। ଏଥିରେ ୧୦ ଇଞ୍ଚ ସ୍ତର ପର୍ଯ୍ୟନ୍ତ ପାଣି ଭର୍ତ୍ତି କରାଯାଇଥାଏ। ଏହା ପରେ ଅଧା କିଗ୍ରାରୁ ଏକ କିଗ୍ରା ପର୍ଯ୍ୟନ୍ତ ଆଜୋଲା ବିହନ ସେଥିରେ ଦିଆଯାଇଥାଏ। ମାତ୍ର ୭ରୁ ୧୦ ଦିନ ପରେ ସେଥିରୁ ପ୍ରତିଦିନ ଅଧାରୁ ଏକ କିଗ୍ରା ପର୍ଯ୍ୟନ୍ତ ଆଜୋଲା ଉତ୍ପାଦନ ହୋଇଥାଏ। ପ୍ରତି ୧୦ ଦିନ ଅନ୍ତରରେ ୧ କିଗ୍ରା ଗୋବର ସହିତ ୨୦ ଗ୍ରାମ ସୁପର ଫସଫେଟ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ ଏବଂ ୧୫ ଦିନରେ କିଛି ଅଂଶ




ଘର ବାଡ଼ିରେ ଆଜୋଲା ଚାଷ

ଜଳ ବାହାର କରି ନୂତନ ଜଳ ଭର୍ତ୍ତି କରିବାକୁ ହେବ।

- ଆଜୋଲାକୁ ଏକ ବର୍ଗ ସେ.ମି ଜାଲି ବିଶିଷ୍ଟ ପ୍ଲାଷ୍ଟିକ ଟ୍ରେରେ ଛାଣି ଅମଳ କରାଯାଏ।
- ଏହାକୁ ଭଲ ଭାବେ ଧୋଇ ସଫା କରି ଛାଇରେ ଶୁଖାଇ ଗୋବର ଗନ୍ଧ ବାହାରିଗଲା ପରେ ଖାଇବାକୁ ଦିଆଯାଏ। ଧୋଇବା ସମୟରେ ଏହାକୁ ଗୋଟିଏ କୁଣ୍ଡ ବା ବାଲ୍‌ଟି ଉପରେ ରଖି ଧୁଅନ୍ତୁ। ଧୋଇବା ସମୟରେ ଛୋଟ ଛୋଟ ଖଣ୍ଡ ଆଜୋଲା ପଡିଥାଏ। ଏହାକୁ ପୁଣି ମୂଳ ଆଜୋଲା କୁଣ୍ଡରେ ପକାଇଲେ ତାହା ବଢ଼ି ନୂଆ ଆଜୋଲାରେ ପରିଣତ ହୁଏ।
- ସାଧାରଣତଃ ୧୪° ରୁ ୩୫° ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ଆଜୋଲା ଭଲ ଉତ୍ପାଦନ ହୋଇଥାଏ।
- ଅଧିକ ଉତ୍ତାପ ବଢ଼ିଲେ ଏହା ଉପରେ ଛାଇର ବ୍ୟବସ୍ଥା କରିବା ଦରକାର।
- ୬ ମାସ ଅନ୍ତରରେ କୁଣ୍ଡରୁ କିଛି କିଛି ମାଟି କାଢ଼ିଦେବା। ଆଜୋଲାର ଚେର ସର୍ବଦା ଭାସମାନ ଅବସ୍ଥାରେ ରହିବା ଦରକାର। ଏଥିପାଇଁ ପାଣି ଅନ୍ତତଃ ପକ୍ଷେ ୬ ଇଞ୍ଚ ଉଚ୍ଚତା ରହିବା ଦରକାର। ଏହାର ଚେର ମାଟିରେ ବୁଡିଗଲେ ତା'ର ଶ୍ୱାସକ୍ରିୟା ହୋଇପାରେ ନାହିଁ ଓ ଆଜୋଲା ମରିଯାଏ।
- ପ୍ରତି ୬ ମାସରେ କୁଣ୍ଡକୁ ଶୁଖେଇ ପୁଣି ପାଣି, ମାଟି ଓ ନୂଆ ଆଜୋଲା ଦେବା ଉଚିତ୍।
- କୁକୁଡା ପାଇଁ ଏହା ଏକ ଉତ୍ତମ ଖାଦ୍ୟ।
- ଆଜୋଲା ଚାଷ ହେଉଥିବା କୁଣ୍ଡରେ ପୋକ ନହେବା ପାଇଁ ନିମ୍ବଜାତୀୟ କୀଟନାଶକ ପ୍ରୟୋଗ କରାଯାଇଥାଏ।
- ପଲିଥିନ୍ ବ୍ୟତୀତ ପକ୍କା କୁଣ୍ଡରେ ମଧ୍ୟ ଆଜୋଲା ଚାଷ କରାଯାଇପାରିବ।
- ଆଜୋଲା କୁଣ୍ଡରେ ଥିବା ପାଣି ସାମାନ୍ୟ କ୍ଷାରୀୟ ରହିଲେ ଭଲ ଆଜୋଲା ଉତ୍ପାଦନ ହୋଇଥାଏ।
- କୁଣ୍ଡରେ ପାଣିର ସ୍ତର କମିଲେ ମଝିରେ ମଝିରେ ପାଣି ଭର୍ତ୍ତି କରିବା ଉଚିତ୍।
- ଆଜୋଲା କୁଣ୍ଡରେ ଅଣୁସାର ପ୍ରୟୋଗ କଲେ ମଧ୍ୟ ଅଧିକ ଆଜୋଲା ଉତ୍ପାଦନ ହୋଇଥାଏ।
- ଆଜୋଲା ଉତ୍ପାଦନ ବୃଦ୍ଧି ପାଇଁ ପ୍ରତ୍ୟହ ୧/୩ଅଂଶ ଆଜୋଲା କୁଣ୍ଡରୁ ଉତ୍ପାଦନ କରିବେ।
- ଅଧିକ ଓ ସବିଶେଷ ତଥ୍ୟ ପାଇଁ ସ୍ଥାନୀୟ ପ୍ରାଣୀପାଳନ କର୍ମଚାରୀଙ୍କ ସହ ଯୋଗାଯୋଗ କରିପାରନ୍ତି।

## କୁକୁଡା ଅଣ୍ଡା ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ଚିଆଁ ସଂଖ୍ୟା ବୃଦ୍ଧି କରିବା ପଦ୍ଧତି

- ଗୋଟିଏ ମାଇ କୁକୁଡା ଗ୍ରାମାଂଚଳରେ ବର୍ଷକୁ ୨ ରୁ ୩ ମୁଥ ଅଣ୍ଡା ଦେଇ ଚିଆଁ ଫୁଟେଇ ଥାଏ ।

- ଗୋଟିଏ ମୁଥରେ ସାଧାରଣତଃ ୧୨-୧୫ ଅଣ୍ଡା ଦିଏ, ତେଣୁ ଶୀତ ଦିନରେ ୧୦-୧୪ ଚିଆଁ ଜନ୍ମ ହୁଏ ଏବଂ ଖରାଦିନରେ ଏହା ୫-୭ ଚିଆଁ ହୋଇଥାଏ ।

- ମାଇ କୁକୁଡା ଯଦି ଅଧିକ ଅଣ୍ଡା ଦେବ, ଯେମିତିକି ଭେଜାଗୁଡା ଜାତି କୁକୁଡାରେ ଏମାନେ ୧୫ ରୁ ୨୨ ଅଣ୍ଡା ଗୋଟିଏ ମୁଥରେ ଦିଅନ୍ତି ଏବଂ ଏଥିରୁ ୧୨ରୁ ୨୦ ଚିଆଁ ଜନ୍ମ ହୋଇଥାଏ । ଏହା ଅତ୍ୟନ୍ତ ଲାଭଜନକ ଅଟେ ।

- ସାଧାରଣତଃ କୁକୁଡା ମାନେ ବର୍ଷକୁ ୨-୩ ମୁଥ ଅଣ୍ଡା ଦିଅନ୍ତି । ଯଦି କୌଣସି ପ୍ରକାରେ ସେହି କୁକୁଡା ୪-୫ ମୁଥ ବର୍ଷକୁ ଦେବ ଏବଂ ସେଥିରୁ ଛୁଆ ଫୁଟେଇବ ତାହାହେଲେ ଚାଷୀମାନେ ଅଧିକ ଲାଭ ପାଇ ପାରିବେ ଏବଂ ଏହା ବର୍ତ୍ତମାନ ସମ୍ଭବ ହେଉଛି ।

- ଆପଣ ମାଇ କୁକୁଡା ଚିଆଁ ଫୁଟେଇବାର ୨୧ ରୁ ୩୦ ଦିନ ଭିତରେ ଯଦି ଓଭରାଲ୍ - ଏଲ୍ (**Ovral-L**) ବଟିକା ପ୍ରତିଦିନ ଗୋଟିଏ ବଟିକା, ଏମିତି ୩ଦିନ କୁକୁଡାକୁ ଧରି ଖୁଆଇ ଦେବେ, ତାହାହେଲେ ୧୦ ରୁ ୧୫ ଦିନ ପରେ ସେହି କୁକୁଡା ଆଉଥରେ ନୂଆରେ ଅଣ୍ଡା ଦେବା ଆରମ୍ଭ କରିବ ।

- ଏହି ପଦ୍ଧତିରେ ଆପଣ ଗୋଟିଏ ମାଇ କୁକୁଡା ଠାରୁ ୪.୫ ମୁଥ ଗୋଟିଏ ବର୍ଷରେ ପାଇ ପାରିବେ । ଯଦି ଆପଣଙ୍କ ଘରେ ୫ ମାଇ କୁକୁଡା ଅଛନ୍ତି ତାହାହେଲେ ଆପଣ ବର୍ଷରେ ୧୨୦ ଅଧିକ ଚିଆଁ ଉତ୍ପାଦନ କରିପାରିବେ । ଏହି ପଦ୍ଧତି ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାରେ ବହୁତ ଆଦୃତ ।

- ଏହି ଓଭରାଲ୍ - ଏଲ୍ (**Ovral-L**) ତିନିଟି ବଟିକାର ମୂଲ୍ୟ କେବଳ ୭ ଟଙ୍କା ।

ବଜାରରେ ଔଷଧ ଦୋକାନରେ କମ୍ବି- ଏଲ୍ (**Combee-L**), ଏରଜେଷ୍ଟ (**Ergest**), ଓଭିପୁର - ଏଲ୍ (**Ovipur-L**), ଓଭରାଲ୍ - ଏଲ୍ (**Ovral-L**) ନାମରେ ଏହି ଔଷଧ ମିଳୁଛି । ଗୋଟିଏ ବଟିକାରେ **Levonongestral 0.15mg** ଏବଂ **Ethinylestradiol 0.3 mg** ଅଛି ।

## ଗୋଟିଏ ମାଈ କୁକୁଡାକୁ ଓଭରାଲ୍ - ଏଲ୍ (**Ovral-L**) ବଟିକା ଦେଇ ବର୍ଷରେ ୪.୫ ମୁଥ ସମ୍ଭବ



# କୁକୁଡା ପ୍ରଜନନ ସମ୍ବନ୍ଧରେ କିଛି ଜାଣିବା କଥା

୧. କାନ ଡାଙ୍କୁଣି ଯଦି କୁକୁଡାରେ ଧଳା ଥାଏ, ତାହା ହେଲେ ତାର ଅଣ୍ଡା ମଧ୍ୟ ଧଳା ହୁଏ । ଯେମିତି କଳାହାଣ୍ଡି କୁକୁଡା, ହ୍ୱାଇଟ ଲେଗହର୍ଣ୍ଣ ଇତ୍ୟାଦି । କାନ ଡାଙ୍କୁଣି ଯଦି ନାଲି ଥାଏ, ତାହାହେଲେ ସେହି କୁକୁଡାର ଅଣ୍ଡା ଆଂଶିକ ନାଲି ଧୁସରିଆ ରଙ୍ଗ (ବ୍ରାଉନ) ରଙ୍ଗର ହୁଏ । ଯେମିତି ସବୁ ଦେଶୀ ଜାତୀୟ କୁକୁଡା ଯଥା ଅସିଲ, ଭେଜାଗୁଡା ଏବଂ ରୋଡସ ଆଇଲ୍ୟାଣ୍ଡ ରେଡ୍ ଇତ୍ୟାଦି ।

୨. ଗଞ୍ଜା ବା ଶଣ୍ଢାର ପାଦ ଆଙ୍ଗୁଳିରେ ୩-୪ ସେ.ମି ଉପରକୁ ଗୋଟିଏ ପାଦକଣ୍ଟି (ସ୍ପର) ଥାଏ । ଏହା ବୟସ ବଢିଲେ ବଢିଥାଏ । ଏହାକୁ ଦେଖି ତାର ବୟସ ନିର୍ଣ୍ଣୟ କରିହୁଏ ।

୩. ଯଦି କୁକୁଡା କିଷମ ବଡ ଜାତିର ହୋଇଥିବ, ତାହା ହେଲେ ସେମାନେ ମଧ୍ୟ କମ ଅଣ୍ଡା ଦିଅନ୍ତି । ଅର୍ଥାତ୍ ଅସିଲ ଜାତି ଏବଂ ହାଂସଲି ଜାତି କୁକୁଡା ମାନେ ଟିକିଏ ବଡ ଆକାର ଏବଂ ଏମାନେ ୭-୧୦ ଅଣ୍ଡା ଗୋଟିଏ ମୁଥରେ ଦିଅନ୍ତି ଏବଂ ଅଧିକାଂଶ ବର୍ଷକୁ ୨-୩ ମୁଥ ଅଣ୍ଡା ଦେଇ ଛୁଆ କରନ୍ତି ।

ଯଦି କୁକୁଡା କିଷମ ଛୋଟ ଆକାର ର ହୋଇଥିବ, ତାହା ହେଲେ ସେମାନେ ଅଧିକ ଅଣ୍ଡା ଦିଅନ୍ତି । ଛୋଟ କିଷମ କୁକୁଡା ମଧ୍ୟ ୪ମୁଥ ଅଣ୍ଡା ଗୋଟିଏ ବର୍ଷରେ ଦିଅନ୍ତି । ଏହାକୁ ଏମାନେ ୧୫ – ୧୮ ଟି ଅଣ୍ଡା ଗୋଟିଏ ମୁଥରେ ଦେଇଥାନ୍ତି । ଯେମିତି କଳାହାଣ୍ଡି କିଷମ, ଖୁଦ ଜୋଉରିଆ, ଫୁଲବାରି, ହ୍ୱାଇଟ ଲେଗ ହର୍ଣ୍ଣ ଇତ୍ୟାଦି । ଏହା ପ୍ରଜାତିର ଗୁଣ ସମ୍ବନ୍ଧିତ । ଯଦି ଆପଣ ଛୋଟ କିଷମ କୁକୁଡା ଅଧିକ ଓଜନ କୁକୁଡା ପାଇଁ ବାଛିବେ ଏବଂ ବଂଶ ବୃଦ୍ଧି କରିବେ, ତାହା ହେଲେ ଅଧିକ ଓଜନ କୁକୁଡା ପାଇବେ କିନ୍ତୁ ଅଣ୍ଡା ସଂଖ୍ୟା କମିଯିବ ।

୪. କେତେକ କୁକୁଡା କିଷମରେ ମୁଣ୍ଡରେ ଏବଂ ଗଳାରେ ପର ନଥାଏ ଏବଂ ନାଲି ଚର୍ମ ଦେଖାଯାଏ । ଏହାକୁ ନେକଡ ନେକ "ବା "ଲଙ୍ଗଳା ଗଳା" ବୋଲି କୁହାଯାଏ । ଏହି ଗୁଣର କୁକୁଡା ମାନେ ଅଧିକ ଓଜନିଆ ହୁଅନ୍ତି ।

୫. କେତେ ଜିଲ୍ଲାରେ ଲାଞ୍ଜ ନ ଥିବା କୁକୁଡା ଦେଖାଯାନ୍ତି । ଏମାନଙ୍କୁ ଆଦିବାସୀ ଭାଇ ମାନେ "ବାଣ୍ଡି" କୁକୁଡା କହନ୍ତି । ବାଣ୍ଡି କୁକୁଡା ମଧ ଅଧିକ ଅଣ୍ଡା ଦିଅନ୍ତି ବୋଲି ଲୋକେ କହନ୍ତି ।

୬. ଆଦିବାସୀ ଭାଇମାନଙ୍କର ବିଶ୍ୱାସ ଯେ, ଗେଡ଼ା କୁକୁଡା ଅର୍ଥାତ ଯାର ଗୋଡ ଅତି ଛୋଟ ମଧ୍ୟ ଟିକିଏ ଅଧିକ ଅଣ୍ଡା ଦିଅନ୍ତି ।

୭. କୁକୁଡାର ନଳୀ ଗୋଡ ବା shank ଯଦି ଲମ୍ବା ଥିବ, ତାହା ହେଲେ ସେହି କିଷମ ଅଧିକ ଓଜନଦାର ହେବ । ଲମ୍ବା ନଳୀ ଗୋଡ ଥିଲେ ସଙ୍ଗମରେ ମଧ ଅସୁବିଧା ହୁଏ ।

## ମୁଥରେ ମୋଟ ଅଣ୍ଡା ସଂଖ୍ୟା ଦେଖି ମାଈ କୁକୁଡ଼ା ପ୍ରଜନନ ପାଇଁ ଚୟନ କରନ୍ତୁ ।



√ ଯେଉଁ ମାଈ କୁକୁଡ଼ା ଗୋଟିଏ ମୁଥରେ ୧୫ ରୁ ଅଧିକ ଚିଆଁ ଫୁଟାଇ ଥାଏ ସେହି ମାଈ ପ୍ରଜନନ ପାଇଁ ଉତ୍କୃଷ୍ଟ ।



X ଯେଉଁ ମାଈ କୁକୁଡ଼ା ଗୋଟିଏ ମୁଥରେ ୮ଟିରୁ କମ୍ ଚିଆଁ ଫୁଟାଇଥାଏ ସେହି ମାଈ ପ୍ରଜନନ ପାଇଁ ଅନୁପଯୁକ୍ତ କୁକୁଡ଼ା ପଲରୁ ବାହାର କରି ବିକ୍ରି କରିଦିଆଯାଏ ।

୮. ପତଳା ଓ କମ୍ ଓଜନର କୁକୁଡା ବନ୍ୟଜନ୍ତୁ ଆକ୍ରମଣରୁ ନିଜକୁ ରକ୍ଷା କରିବାରେ ସକ୍ଷମ ହୁଏ ।

୯. ଦେଶୀ କୁକୁଡା ବିଦେଶୀ କିଷମ କୁକୁଡାଙ୍କଠାରୁ ଅଧିକ ଚତୁର । ଉନ୍ନତ ଧରଣର ରଙ୍ଗିନ ବିଦେଶୀ କିଷମ କୁକୁଡା ବନ୍ୟ ଜନ୍ତୁଙ୍କ ଦ୍ୱାରା ଶିକାର, ଗାଈ ଖୁରାରେ ଦଳି ହୋଇଯିବା ଓ ଗାଡି, ସାଇକେଲ ମାଡିଯିବା ଆଦି ଅଧିକ ଦେଖାଯାଏ । ଦେଶୀ କୁକୁଡା ତାର ଛୁଆକୁ ସାଙ୍ଗରେ ରଖି ଚରିଲା ବେଳେ ନଜର ରଖିଥାଏ ଦେଶୀ କୁକୁଡା କୁଡୁକି ହୋଇ ଛୁଆ ଫୁଟେଇଇଥାଏ । କିନ୍ତୁ ବିଦେଶୀ ବା ସଙ୍କର ଜାତୀୟ କୁକୁଡାଙ୍କ ଠାରେ ଏସବୁ ଗୁଣ ଦେଖାଯାଏ ନାହିଁ ।

## ବିଦେଶୀ କୁକୁଡ଼ା ଅଣ୍ଡା ମେସିନ୍ ଦ୍ୱାରା ଫୁଟାଯାଇଥାଏ ।

୧୦.ଭାରତବର୍ଷର ବିଭିନ୍ନ ରାଜ୍ୟରେ ବର୍ଷ ବର୍ଷ ଧରି କୁକୁଡା ପାଳୁଥିବା ଚାଷୀମାନେ ଉତ୍କୃଷ୍ଟ ଧରଣର କୁକୁଡା ପ୍ରଜାତି ସୃଷ୍ଟି କରିପାରିଛନ୍ତି । ଓଡିଶାର ମୟୁରଭଞ୍ଜ ଜିଲ୍ଲାରେ ଅଦିବାସୀ ଅଚଂଳରେ ପାଖାପାଖି ୫ଟି ପ୍ରଜାତି ଚିହ୍ନଟ ହୋଇପାରିଛି । ସ୍ଥାନୀୟ ଅଧିବାସୀମାନେ ହିଁ ପ୍ରକୃତ ପ୍ରଜନନ ବିଶେଷଜ୍ଞ ।

# କୁକୁଡ଼ା ମାନଙ୍କ ସାଧାରଣ ରୋଗ

କୁକୁଡ଼ାମାନଙ୍କୁ ନିମ୍ନଲିଖିତ ସାଧାରଣ ରୋଗ ହୋଇଥାଏ ।

- ରାଣୀକ୍ଷେତ ରୋଗ ବା ନ୍ୟୁକାସାଲ ରୋଗ
- କୁକୁଡ଼ା ବସନ୍ତ
- ଧଳା ଝାଡ଼ା
- କୁକୁଡ଼ା କଲେରା
- ଟିଙ୍କ, ଉକୁଣୀ
- ଗୋଲ୍ କୃମି
- ଫିତା କୃମି
- କକ୍ସିଡ଼ିଓସିସ୍

## ରାଣୀକ୍ଷେତ ରୋଗ ବା କୁକୁଡା ମରୁଡି



ରାଣୀକ୍ଷେତ ରୋଗରେ କୁକୁଡ଼ା ମରିଯିବାରୁ ଦୁଃଖିତ

- ରାଣୀକ୍ଷେତ ରୋଗ ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ ।
- ଏହି ରୋଗ ବର୍ଷସାରା ମହାମାରୀ ଭଳିଆ ଗ୍ରାମରେ ବ୍ୟାପେ ।
- ଏହି ରୋଗର ଭୂତାଣୁ ସଂସ୍ପର୍ଶରେ, ପବନରେ, ଖାଦ୍ୟ ଏବଂ ପାଣି ଦ୍ୱାରା ଗୋଟିଏ କୁକୁଡାରୁ ଅନ୍ୟ କୁକୁଡାକୁ ବ୍ୟାପି ଥାଏ ।
- ଏହି ରୋଗରେ ଆକ୍ରାନ୍ତ ହେଲେ ୭୦ ରୁ ୯୦ପ୍ରତିଶତ କୁକୁଡା ମରିଯାନ୍ତି ।
- କୁକୁଡା ଦେହରେ ଯଦି ରାଣୀକ୍ଷେତ ଭୂତାଣୁ ପ୍ରବେଶ କରନ୍ତି ତାହାହେଲେ ୭ – ୧୫ଦିନ ଭିତରେ କୁକୁଡାର ରୋଗ ଲକ୍ଷଣ ଦେଖାଯାଏ ।

## ରୋଗ ସଂକ୍ରମଣ



ରାଣୀକ୍ଷେତ ରୋଗ ଭୂତାଣୁ, ସଂକ୍ରମିତ ଅଣ୍ଡା, ମଳା କୁକୁଡ଼ାର ଅନ୍ତପୁଟା, ଖାଦ୍ୟ, ରୋଗିଣା କୁକୁଡ଼ା, ବଜାରରେ ରୋଗାକ୍ରାନ୍ତ କୁକୁଡ଼ା ବିକ୍ରେତା ସଂସ୍ପର୍ଶରେ ଆସିଲେ ସୁସ୍ଥ କୁକୁଡ଼ାକୁ ବ୍ୟାପିଥାଏ ।

## ଲକ୍ଷଣ

- ରୋଗିଣା କୁକୁଡାର ନାକରୁ ପାଣି ବାହାରେ, ନିଶ୍ୱାସ ନେବାରେ କଷ୍ଟ ହୁଏ । କୁକୁଡାଟି କାଶେ ଏବଂ ଛିଙ୍କି ଥାଏ, ପରେ ଧଳା ଝାଡା ଦେଖାଦିଏ । ମୁହଁ ଫୁଲିଯାଏ ।
- ୨ – ୩ ଦିନ ପରେ ସ୍ନାୟୁଗତ ଲକ୍ଷଣ ଜଣାପଡେ । ଡେଣା ଅଚଳ ହୁଏ । ବେକ ମୋଡି ହୋଇଯାଏ ଏବଂ ମୁଣ୍ଡଟି ପଛକୁ ଓଲଟିଯାଏ । ଚିଆଁମାନେ ଘେରା ଘେରା ବୁଲନ୍ତି କିମ୍ବା ଛୋଟେଇ ଚାଲନ୍ତି ।
- ଯଦି କୁକୁଡା ଅଣ୍ଡା ଦେଉଛନ୍ତି, ତାହା ହଠାତ୍ ବନ୍ଦ ହୋଇଯାଏ ।




## ଚିକିତ୍ସା

ଏହି ରୋଗ ଭୂତାଣୁ ଜନିତ, ଏହି ରୋଗର ଔଷଧ ବା ଚିକିତ୍ସା ନାହିଁ ।

## ପ୍ରତିଷେଧକ

ଏହି ରୋଗ ପାଇଁ ଉନ୍ନତ ମାନର ଟିକା ଉପଲବ୍ଧ ଅଛି ଏବଂ ନିୟମିତ ଟିକାକରଣ ମାଧ୍ୟମରେ ରାଣୀକ୍ଷେତ ରୋଗକୁ ପ୍ରତିରୋଧ ହୋଇପାରିବ ।

ସୁସ୍ଥ କୁକୁଡାକୁ ନିୟମିତ ଭାବେ ରାଣୀକ୍ଷେତ ଟିକା ଦେଇ ଓ ଜୈବ ନିରାପତ୍ତା ମାଧ୍ୟମରେ ରାଣୀକ୍ଷେତ ରୋଗକୁ ପ୍ରତିହତ କରି ହେବ ।

ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଟିକାକରଣ ପାଇଁ ଯୋଗାଯୋଗ କରନ୍ତୁ ।

## Thermotolerant ବା ଉତ୍ତାପ ସହଣିକ ରାଣୀକ୍ଷେତ ଟିକା

ହେକ୍ସଟର ବାୟୋସାଇନ୍ସ କମ୍ପାନୀ ଓ ଗାଲମେଡର ସହଯୋଗରେ କୁକୁଡାର ରାଣୀକ୍ଷେତ ରୋଗର ନିରାକରଣ ପାଇଁ ଏକ ଅତ୍ୟାଧୁନିକ ଟିକା ତିଆରି କରିଛନ୍ତି ।



ଉତ୍ତାପ ସହଣିକ ଲାସୋଟା ଟିକା

- ଏହି ଟିକାକୁ ଉତାପ ସହଣିକ ଲାସୋଟା (Thermotolerant Lasota) ଟିକା କୁହାଯାଉଛି ; ଅର୍ଥାତ ସାଧାରଣତଃ ଅନ୍ୟାନ୍ୟ ଟିକା +୨° ଠାରୁ +୮° ସେଂଟିଗ୍ରେଡ଼ ଉତାପରେ ସର୍ବଦା ରଖାଯାଇଥାଏ । କିନ୍ତୁ ଏହି ନୂଆଟିକା ରେଫ୍ରିଜେରେଟରରୁ ବାହାର କରି ୩୭° ସେଂଟିଗ୍ରେଡ଼ ଅର୍ଥାତ ନିତ୍ୟ ସାଧାରଣ ବାହ୍ୟ ଉତାପରେ ୧୦ ଦିନ ପର୍ଯ୍ୟନ୍ତ ରଖିହେବ ।

- ୪୦° ସେଂଟିଗ୍ରେଡ଼ ରେ ଏହି ଟିକା ୭ ଦିନ ରଖିହେବ ।

- ଏହି ଟିକା +୨° ଠାରୁ +୮° ସେଂଟିଗ୍ରେଡ଼ରେ ଅବଧି ଥିବା ତାରିଖ (expiry date) ପର୍ଯ୍ୟନ୍ତ ସାଇତି ରଖାଯାଇ ପାରିବ ।

### ଉପକାରିତା:

- ଏହି ନୂତନ ଲାସୋଟା ଟିକା କମ୍ପାନିରୁ ନିର୍ମିତ ହେବାପରେ ଶୀତଳ ଶୃଙ୍ଖଳାରେ (+୨° ଠାରୁ +୮° ସେଂଟିଗ୍ରେଡ଼) ଆସି ବ୍ଲକର ଔଷଧ ଦୋକାନରେ ପହଂଚିଥାଏ । ଏହାପରେ ଟିକା ପ୍ରଦାନକାରୀ ଏହାକୁ କିଣି ନିଅନ୍ତି ।

☐ ଏହା ସେମାନେ ବିନା ବରଫ ବା କୁଲର ବାକ୍ସରେ ବାହ୍ୟ ଉତ୍ତାପରେ ଆଉ ୭-୧୦ଦିନ ରଖିପାରିବେ । ଏବଂ ଏହାକୁ ଦୂର ଦୂରାନ୍ତ ଗାଁକୁ ନେଇ କୁକୁଡା ମାନଙ୍କୁ ଟିକାକରଣ କରି ପାରିବେ । ଏହି ସମୟ ମଧ୍ୟରେ ଏହି ଟିକା ପାଇଁ କୌଣସି ବରଫର ଆବଶ୍ୟକତା ନାହିଁ ।

☐ ଏହି ଟିକାକୁ ଡାଇଲୁଅଂଟ ପାଣିରେ ମିଶାଇବା ପରେ ୧୨ଘଂଟା ଭିତରେ ବ୍ୟବହାର କରିବାକୁ ହେବ ।

☐ କିନ୍ତୁ ସାଧାରଣ ଲାସୋଟା ଟିକା ଡାଇଲୁଅଣ୍ଟ ପାଣିରେ ମିଶେଇଲା ପରେ ବରଫରେ ରଖି ୨ଘଣ୍ଟା ଭିତରେ ବ୍ୟବହାର କରିବାକୁ ପଡ଼ିଥାଏ ।

☐ ମୟୁରଭଞ୍ଜ ଜିଲ୍ଲାରେ ପ୍ରାୟ ୫ ଲକ୍ଷ କୁକୁଡ଼ାଙ୍କୁ ଏହି ଉତ୍ତାପ ସହଣିକ ଲାସୋଟା ଟିକା ଦେଇ ରାଣୀକ୍ଷେତ ରୋଗକୁ ଦମନ କରାଯାଇପାରିଛି ।

☐ ଏହି ଉତ୍ତାପ ସହଣିକ ଲାସୋଟା ଟିକା ପ୍ରତି ୩ ମାସରେ ଥରେ ଦେଇ ରାଣୀକ୍ଷେତ ରୋଗରୁ କୁକୁଡ଼ା ମାନଙ୍କୁ ରକ୍ଷା କରାଯିବାରୁ କୁକୁଡ଼ା ସଂଖ୍ୟା ହାରାହାରି ୮ ଗୁଣ ବୃଦ୍ଧି ହେବା ଲକ୍ଷ୍ୟ କରାଯାଇଛି ।

**କୁକୁଡ଼ା ଚିଆଁ ଟିକାକରଣ**



## ରାଣୀକ୍ଷେତ ରୋଗ କୁକୁଡ଼ାରେ କେମିତି ବ୍ୟାପେ



## ରାଣୀକ୍ଷେତ ଟିକା କେମିତି କାମ କରେ

୧ ଦିନ

ରାଣୀକ୍ଷେତ ସୁପ୍ତ ଭୁତାଣୁ ଟିକା ମାଧ୍ୟମରେ କୁକୁଡ଼ା ଦେହରେ ଆଖି ଓ ନାକ ଦେଇ ପ୍ରବେଶ କଲା ।



୭-୧୫ ଦିନ

ରାଣୀକ୍ଷେତ ଟିକା ୭-୧୪ ଦିନରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିଥାଏ ।






୧୫ ଦିନ

ରାଣୀକ୍ଷେତ ରୋଗ ଭୂତାଣୁ ପାଇଁ ଆଣ୍ଟିବଡ଼ି ସଂପୂର୍ଣ୍ଣ ଭାବେ ତିଆରି ହେଲା ରୋଗ ପ୍ରତିରୋଧ କରିବାକୁ ସକ୍ଷମ ହୋଇଥାଏ ।

ଲାସୋଟା ଟିକା ଦେଲ ରୋଗ ପ୍ରତିଷେଧକ ଶକ୍ତି ୩ ମାସ ପର୍ଯ୍ୟନ୍ତ ରହିଥାଏ ।

## ଟିକାଦାନ ସାରଣୀ

| କ୍ର.ସଂ | ଟିକା | କେତେ ବୟସ (ଦିନ/ମାସ) | (ମାଧ୍ୟମ)କେମିତି ଦିଆଯିବ |
|---|---|---|---|
| ୧ | ଲାସୋଟା (ସାଧାରଣ)+ ୨ ଠାରୁ ୮° ସେଂଟିଗ୍ରେଡ୍ | ୭ ଦିନରୁ ଉର୍ଦ୍ଧ ସମସ୍ତ କୁକୁଡାଙ୍କୁ ଦିଅନ୍ତୁ | ଆଖି ବା ନାକ ପୁଡାରେ ଟୋପାଏ / ଗୋଟିଏବୁନ୍ଦା ପ୍ରତି ୩ ମାସରେ ଥରେ ଦିଅନ୍ତୁ । |
| ୨ | ଲାସୋଟା – ଉତ୍ତାପ ସହଣିକ(**Thermotolerant**) | ୭ ଦିନରୁ ଉର୍ଦ୍ଧ ସମସ୍ତ କୁକୁଡା ଦିଅନ୍ତୁ । | ଆଖି ବା ନାକ ପୁଡାରେ ଟୋପାଏ ପ୍ରତି ୩ ମାସରେ ଥରେ ଦିଅନ୍ତୁ । |
| ୩ | କୁକୁଡା ବସନ୍ତ ବା ଫାଉଲ ଫକ୍ସ । | ୨ ମାସରୁ ଉର୍ଦ୍ଧ ସମସ୍ତ କୁକୁଡାକୁ ଦିଅନ୍ତୁ । | ୦.୫ ମି.ଲି. ଡେଣାତଳ ଚମଡାରେ ୬ ମାସକୁ ଥରେ ଦିଅନ୍ତୁ କିମ୍ବା ଲାନସେଟ୍ ଦ୍ୱାରା ମାଂସପେଶୀରେ ଫୋଡିଦିଅନ୍ତୁ। |

ରାଣୀକ୍ଷେତ ଟିକାକରଣ କରିବାର ୭ – ୧୪ ଦିନ ଭିତରେ କୁକୁଡାର ରୋଗ ପ୍ରତିଷେଧକ ଶକ୍ତି ବର୍ଦ୍ଧିତ ହେବ । ଅର୍ଥାତ ଯଦି ଟିକା ସଠିକ ଅଛି ୧୪ ଦିନ ପରେ କୁକୁଡା ରାଣୀକ୍ଷେତ ରୋଗରେ ଆକ୍ରାନ୍ତ ହେବ ନାହିଁ । ଲାସୋଟା ଟିକା ୩ ମାସ ଏବଂ ଆର୍. ୨ବି ଟିକା ୬ ମାସ ପର୍ଯ୍ୟନ୍ତ କାମ କରିବ ।

## କୁକୁଡ଼ା ବସନ୍ତ ବା ଫାଉଲ ଫକ୍ସ (Fowl Pox)

- ଫାଉଲ ଫକ୍ସ ବା କୁକୁଡା ବସନ୍ତ ଏକ ଭୂତାଣୁ ଜନିତ ରୋଗ ।
- କୁକୁଡାର ପର ନଥିବା ଅଂଶରେ ଛୋଟ ଛୋଟ ଗୋଲାକାର ଫୋଟକା ହୋଇ ଘା' ହୋଇଥାଏ ।
- ଥରେ ଥରେ ଏହା ପାଟି ଭିତରେ ଏବଂ ଶ୍ୱାସନଳୀରେ ଏହି ଘା ହୋଇଥାଏ, ଯାହା ଦ୍ୱାରା ଚିଆଁ ମାନେ ମରିଯାନ୍ତି ।
- ଯଦି କୌଣସି କୁକୁଡାକୁ ବସନ୍ତ ବା ଫାଉଲ ଫକ୍ସ ହୁଏ, ସେହି କୁକୁଡାକୁ ଜୀବନସାରା ଏହି ରୋଗ ହୁଏ ନାହିଁ ।
- ଘା'ର ବକଳକୁ ଏବଂ ରୋଗୀ କୁକୁଡାର ସଂପର୍କରେ ଆସିଲେ ଏହି ରୋଗ ବ୍ୟାପିଥାଏ । ଏହା ପବନରେ ମଧ୍ୟ ବ୍ୟାପେ । ମଶାକାମୁଡାରେ ମଧ୍ୟ ରୋଗ ବ୍ୟାପିଥାଏ ।
- ଚର୍ମ ଜନିତ କୁକୁଡା ବସନ୍ତରେ ମୃତ୍ୟୁ ବେଶି ହୁଏ ନାହିଁ, କିନ୍ତୁ ଯଦି ଗଳାରେ ହୁଏ ମୃତ୍ୟୁ ସଂଖ୍ୟା ବଢିଥାଏ ।
- ଚିଆଁ ଏହି ରୋଗରେ ଶିଘ୍ର ମରନ୍ତି ଏବଂ ବଡ କୁକୁଡା ପ୍ରାୟ ମରନ୍ତି ନାହିଁ ।
- କୁକୁଡା ବସନ୍ତ ଟିକା ବଜାରରେ ବିକ୍ରୟ ହେଉଛି । ଏହା ବ୍ୟବହାର କରି କୁକୁଡ଼ା ବସନ୍ତରୁ ରକ୍ଷା ପାଇ ପାରିବେ ।
- ଯଦି କୁକୁଡା ବସନ୍ତ ହେଇ ସାରିଛି, ଏବଂ ଆପଣ ତାକୁ କୁକୁଡା ବସନ୍ତ ଟିକା କରଣ କରିବେ; ଟିକା କାମ କରିବ ନାହିଁ ।
- ଯେଉଠି କୁକୁଡା ବସନ୍ତ ବହୁତ ଦେଖାଯାଏ ସେଠାରେ ୩ – ୪ ସପ୍ତାହ ବୟସରେ ଭେକ୍ସିନ ଦିଅନ୍ତୁ । ତାପରେ ୧୨ – ୧୬ ସପ୍ତାହରେ ଆଉଥରେ ଭେକ୍ସିନ ଦିଅନ୍ତୁ ।
- ଏହି ରୋଗ ଯେହେତୁ ଧିରେ ବ୍ୟାପେ ତେଣୁ ଯଦି ୨୦ପ୍ରତିଶତରୁ ଅଧିକ କୁକୁଡାଙ୍କୁ ଏହି ରୋଗ ହେଇଛି ତାହାହେଲେ ଭେକ୍ସିନ କରନ୍ତୁ ।
- ଟିକା କରିବା ସ୍ଥାନ ସପ୍ତମ ଦିନରେ ପରୀକ୍ଷା କରନ୍ତୁ । ଯଦି ଟିକା କରିବା ସ୍ଥାନରେ ଫୁଲା ହେବ ବା ବକଳ ବାହାରିବ ତାହେଲେ ଟିକା କାମ କରିଛି ବୋଲି ଜାଣିବେ ନଚେତ ଆଉଥରେ ଟିକା କରନ୍ତୁ ।




- ବଜାରରେ ୨ ପ୍ରକାର କୁକୁଡା ବସନ୍ତ ବା ଫାଉଲ ଫକ୍ସ ଭେକ୍ସିନ ମିଳୁଛି । ଗୋଟିଏ ଇଞ୍ଜେକସନ ଥାଏ ତାହା କୁକୁଡାର ଡେଣାରେ ଦିଆଯାଏ । ଆଉ ଗୋଟିଏ ଭେକ୍ସିନ ମାଂସପେଶିରେ ଫୋଡି ଦିଆଯାଏ । ଏହାକୁ ଷ୍ଟେବ କହନ୍ତି ।

- ଫାଉଲ ଫକ୍ସ ଭେକସିନକୁ +୨ ଠାରୁ +୮° ସେଂଟିଗ୍ରେଡ୍ ଉତାପରେ ଅର୍ଥାତ ବରଫରେ ରଖି ବ୍ୟବହାର କରନ୍ତୁ ।

## ଧଳା ଝାଡା ବା ସାଲମୋନେଲା ରୋଗ

୧ ଏହା ଏକ ଜୀବାଣୁ ଜନିତ ରୋଗ ।

୨ ଏହି ରୋଗ କୁକୁଡାର ମଳ ଅଥବା ଅଣ୍ଡା ଦ୍ୱାରା ଅନ୍ୟ କୁକୁଡାକୁ ବ୍ୟାପିଥାଏ ।

୩ ସମସ୍ତଙ୍କୁ ଝାଡା ହୁଏ । ଏହା ଧଳା ରଙ୍ଗ । ପ୍ରାୟ ୨ମାସ ବୟସ ଭିତରେ ଚିଆଁ ଏହି ରୋଗରେ ଆକ୍ରାନ୍ତ ହୋଇ ମରିଥାନ୍ତି ।

୪ ଯେଉଁ ଚିଆଁ ବଂଚିଥାନ୍ତି ସେ ଭଲ ବଢି ନ ଥାନ୍ତି ଏବଂ ରୋଗ ଜୀବାଣୁ ଅନ୍ୟମାନଙ୍କୁ ଦେଇଥାନ୍ତି ।

୫ ଏହି ରୋଗ ଜୈବ ନିରାପତ୍ତା ଦ୍ୱାରା ରୋକିବା ଉଚିତ।

୬ ଏହି ରୋଗ ଆରମ୍ଭ ହେବା ପୂର୍ବରୁ କୁକୁଡା ମାନଙ୍କୁ ଅର୍ଥାତ ଚିଆଁଙ୍କୁ ଟେରାମାଇସିନ ପାଉଡର କିମ୍ବା କେପସୁଲ ପାଣିରେ ମିଶାଇ ୫ ଦିନ ପିଇବାକୁ ଦିଅନ୍ତୁ । ଏଥିରେ ଅଧିକାଂଶ ଚିଆଁ ବଂଚିଯିବେ ଏବଂ ରୋଗରୁ ମୁକ୍ତି ପାଇବେ ।



ଟେରାମାଇସିନ୍ ପାଉଡ଼ରକୁ ପାଣିରେ ମିଶାଇ ଚିଆଁ ମାନଙ୍କୁ ଦିଆଯାଉଛି । (୧ଗ୍ରାମ ୧ ଲିଟର୍ ପାଣି )

୭ ଯଦି ଚିଆଁମାନେ ଧଳାଝାଡାରେ ଆକ୍ରାନ୍ତ ହୋଇଛନ୍ତି, ତାହାହେଲେ ୧ଗ୍ରାମ ଟେରାମାଇସିନ ପାଉଡର ଗୋଟିଏ ଲିଟର ନିର୍ମଳ ପାଣିରେ ମିଶାଇ ଲଗାତାର ୫ ଦିନ ପର୍ଯ୍ୟନ୍ତ ପିଇବାକୁ ଦିଅନ୍ତୁ । ଏହାଦ୍ୱାରା ଧଳା ଝାଡା ହେବାର ସମ୍ଭାବନା କମିଯିବ ।

୮ ବଜାରରେ ଟେରାମାଇସିନ ୫୦୦ ମି.ଗ୍ରା. କ୍ୟାପସୁଲ ମିଳୁଛି ।ଏହାକୁ ୫ଭାଗ କରନ୍ତୁ । ଗୋଟିଏ ଭାଗ ୧୦୦ ମିଲି ପାଣିରେ ମିଶାଇ ୫ଦିନ ଯାଏ ୧୦-୧୨ ଚିଆଁଙ୍କୁ ପିଇବାକୁ ଦିଅନ୍ତୁ ।

## କୁକୁଡ଼ା କଲେରା ବା ଶାଗୁଆ ଝାଡ଼ା

୧ ଏହା ଏକ ଜୀବାଣୁ ଜନିତ ରୋଗ ।

୨ ଏହା ସାଧାରଣତଃ ଶୀତ ଓ ଥଣ୍ଡା ସମୟରେ ଦେଖାଯାଏ ।

୩ ଏହି ରୋଗରେ ଦୀର୍ଘଦିନ ଆକ୍ରାନ୍ତ ହେଲେ ବେଶୀ ସମୟ ଅସୁସ୍ଥ ରହନ୍ତି ।

### ଲକ୍ଷଣ

ଏହି ରୋଗ ଦୁଇ ପ୍ରକାର ।

#### ୧. ତୀବ୍ର (Acute) ରୂପ

- ଏହି ରୋଗର ଜୀବାଣୁ କୁକୁଡ଼ା ମାନଙ୍କୁ ଆକ୍ରାନ୍ତ କଲେ ୬-୧୨ ଘଣ୍ଟା ଭିତରେ ମରିଯାନ୍ତି ।
- ମୃତ କୁକୁଡ଼ାର କଳିଜାରେ କଳା କଳା ଦାଗ ଦେଖାଯାଏ ।




Courtsey-Dr. Jaime Ruiz

- ଶାଗୁଆ ଝାଡ଼ା ହୋଇଥାଏ ଓ ଏହା ପ୍ରଥମ ଲକ୍ଷଣ ।
- ହୃତପିଣ୍ଡରେ ସୂକ୍ଷ୍ମ ରକ୍ତଛିଟା ଜମାଟ ହେବା ଦେଖାଯାଏ ।
- ଏହି ରୋଗର ତୀବ୍ରତା ଅଧିକ ଥିବାରୁ ସୁସ୍ଥ ସବଳ କୁକୁଡ଼ାଙ୍କଠାରେ ରୋଗର ଲକ୍ଷଣ ବେଶୀ ଦିନ ଦେଖାଯାଏନାହିଁ ଓ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

#### ୨. ଦୀର୍ଘସ୍ଥାୟୀ ବା ପୁରୁଣା (Chronic) ରୂପ

- ବିଶିଷ୍ଟ ଲକ୍ଷଣ ହେଲା, ଫୁଲି (wattle) ଫୁଲିଯିବା ।
- ଶ୍ୱାସନଳୀ, ପାଦ, ପେଟ ଓ ପଛ ଗୋଡ଼ର ମଝି ଗଣ୍ଠି ଫୁଲିଯିବା ମଧ୍ୟ ଦେଖାଯାଏ ।

### ଚିକିତ୍ସା

- ମାଂସପେଶୀରେ ଦୀର୍ଘସ୍ଥାୟୀ ଟେଟ୍ରାସାଇକିଲିନ୍ ଏବଂ ଟେଟ୍ରାସାଇକିଲିନ୍ ପାଉଡର ପାଣିରେ ମିଶାଇ ଲଗାତାର ୫ ଦିନ ପର୍ଯ୍ୟନ୍ତ ପିଇବାକୁ ଦିଅନ୍ତୁ ।
- ନରଫ୍ଲକ୍ସାସିନ ପାଣିରେ ମିଶାଇ ପିଇବାକୁ ଦିଅଯାଏ ।
- ଚିକିତ୍ସା କରିବା ଏକ ସପ୍ତାହ ଭିତରେ ରୋଗ ଦମନ ହୋଇଥାଏ ।
- ରୋଗର ଲକ୍ଷଣ ଦେଖିଲେ, ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ ।

# ବାର୍ଡ୍ ଫ୍ଲୁ ବା ଏଭିଏନ୍ ଇନଫ୍ଲୁଏଞ୍ଜା ରୋଗ

- ବାର୍ଡ୍ ଫ୍ଲୁ ଗୋଟିଏ ଭୂତାଣୁ ଜନିତ କୁକୁଡା ରୋଗ ।
- ଏହିରୋଗ ଗୃହପାଳୀତ ପକ୍ଷୀ, ବନ୍ୟ ପକ୍ଷୀ ଏବଂ ପ୍ରବାଶୀ ପକ୍ଷୀରୁ ମଧ୍ୟ ବ୍ୟାପିଥାଏ ।
- ବାର୍ଡ୍ ଫ୍ଲୁ ପ୍ରାୟ ୧୫ବର୍ଷ ହେବ ଭାରତରେ ପ୍ରବେଶ କରିଛି । ଏହା ଉତ୍ତର ଏବଂ ତଟିୟ ଓଡିଶାରେ ବାରମ୍ବାର କୁକୁଡାଙ୍କ ମଧ୍ୟରେ ଦେଖାଯାଉଛି ।
- ଏକ ଅତ୍ୟଧିକ ରୋଗଜନକ ବାର୍ଡ୍-ଫ୍ଲୁ ରୋଗରେ ବହୁତ କୁକୁଡା ମୃତ୍ୟୁ ବରଣ କରିଥାନ୍ତି ।

## ଲକ୍ଷଣ

- ହଠାତ୍ ଗାଁରେ ୧୦୦ ପ୍ରତିଶତ ଘରେ କୁକୁଡା ମୃତ୍ୟୁ ଦେଖାଯାଏ ।
- ଏହି ରୋଗରେ କୁକୁଡାର ମୁଣ୍ଡ ଫୁଲିଯାଏ, ମୁଣ୍ଡ ଚୁଳ, ଫୁଲି ଗାଢ ନୀଳ କିମ୍ବା କଳା ହୋଇଯାଏ; ନଳୀ ଗୋଡ ଏବଂ ପାଦରେ ପିନ ମୁଣ୍ଡପରି ଅତି ସୂକ୍ଷ୍ମ ରକ୍ତସ୍ରାବ ସହିତ ନୀଳ ପଡିଯାଏ; ମାଂସ ପେଷିରେ ରକ୍ତସ୍ରାବ, ପେଟଭିତରେ ରକ୍ତସ୍ରାବ ହେଇଥାଏ । ନାକ ଏବଂ ପାଟିରୁ ବାହାରିବା ନାଳରେ ରକ୍ତ ଲାଗିଥାଏ । କିଛି କୁକୁଡାରେ ସାଗୁଆ ରଙ୍ଗର ଝାଡା ହେଇଥାଏ ।
- ଆଉ କିଛି କୁକୁଡା ମୁଣ୍ଡ ଉପରକୁ ମୋଡି ଯାଆନ୍ତି, ଡେଣା ତଳକୁ ପଡିଯାଏ ଏବଂ ଗୋଡ ସବୁ ଅଚଳ ହେଇଥାଏ ।
- ଏହିସବୁ ଲକ୍ଷଣ ରାଣୀକ୍ଷେତ ରୋଗ ସହିତ ପ୍ରାୟ ସମାନ କିନ୍ତୁ ହଠାତ୍ ସମସ୍ତ କୁକୁଡା ମରିବା ଏବଂ ମୁହଁ , ଗୋଡ, ଚୁଳ, ଫୁଲୀ ଇତ୍ୟାଦି ନୀଳ ହେଇଯିବା ଏହି ବାର୍ଡ୍ ଫ୍ଲୁ ର ମୂଖ୍ୟ ଲକ୍ଷଣ ।

## ଚିକିତ୍ସା

- ବାର୍ଡ୍-ଫ୍ଲୁ ରୋଗର କୌଣସି ଚିକିତ୍ସା ନାହିଁ ।
- ଏହା ପାଇଁ କୌଣସି ଟିକା ଭାରତରେ ମିଳୁନାହିଁ ।
- ଏହିରୋଗ ମଣିଷକୁ ଆକ୍ରମଣ କଲେ, ମୃତ୍ୟୁର ସମ୍ଭାବନା ଅଛି । ତେଣୁ ମରିଯିବା କୁକୁଡାଙ୍କୁ ଖାଲି ହାତରେ ଛୁଅନ୍ତୁ ନାହିଁ । ଏହାକୁ ପୋଡି ଦିଅନ୍ତୁ କିମ୍ବା ଚୁନ ଦେଇ ଗଭୀର ଗାତରେ ପୋତିଦିଅନ୍ତୁ । ସରକାରୀ ପଶୁ ଚିକିତ୍ସାଳୟକୁ ତୁରନ୍ତ ଖବର କରନ୍ତୁ ।

## କୁକୁଡାରେ ବାର୍ଡ଼ଫ୍ଲୁର ଲକ୍ଷଣ



ଫୁଲୀ ଓ ଚୁଳ କଳା ବା ଗାଢ଼ନୀଳ ପଡ଼ିଯିବା



ମୁହଁ ଫୁଲିଯିବା

ନଳୀ ଗୋଡ ଓ ପାଦରେ ସୂକ୍ଷ୍ମ ରକ୍ତସ୍ରାବ



ସୌଜନ୍ୟ- ଏଫ୍,ଏ.ଓ ଏକ୍ଟ୍ରଡ଼, ସାଉଥେର୍ନ ଆଫ୍ରିକା, ୨୦୧୦

# ଟିକା ସାଇତି ରଖିବା ସକାଶେ ଶୀତଳ ଶୃଂଖଳା ରକ୍ଷା

❍ ଟିକା ବଡ଼ ବଡ଼ ସରକାରୀ ଓ ବେସରକାରୀ ପ୍ରୟୋଗଶାଳାରେ ପ୍ରସ୍ତୁତ ହୋଇଥାଏ ।

❍ ଟିକା ପ୍ରସ୍ତୁତ ହେବାଠାରୁ ଚାଷୀ ପାଖରେ ପହଂଚିବା ପର୍ଯ୍ୟନ୍ତ +୨ ଠାରୁ ୮° ସେଂଟିଗ୍ରେଡ୍ ତାପମାତ୍ରାରେ ସାଇତି ରଖାଯାଏ ।

❍ ଟିକାକୁ ଏଭଳି ଭାବେ ସାଇତି ରଖିବା ପଦ୍ଧତିକୁ ଶୀତଳ ଶୃଂଖଳା ବ୍ୟବସ୍ଥା କୁହାଯାଏ ।

❍ ଶୀତଳ ଶୃଂଖଳା ବ୍ୟବସ୍ଥାରେ ତାପମାତ୍ରା ୧୦° ସେଂଟିଗ୍ରେଡ୍‌ରୁ ଅଧିକା ହେଲେ, ଟିକା ନଷ୍ଟ ହୋଇଯାଏ ଓ ଏହାକୁ ଫୋପାଡ଼ି ଦିଆଯିବା ଉଚିତ୍ ।

❍ ଟିକା ପ୍ରସ୍ତୁତ ହେବାପରେ ଆବଶ୍ୟକ ସ୍ଥଳେ, ଉଡ଼ାଜାହାଜରେ ବିଭିନ୍ନ ରାଜ୍ୟ ତଥା ଓଡ଼ିଶା, ରାଂଚି ଆଦିକୁ ପଠାଯାଇଥାଏ ।

❍ ଟିକାକୁ ବିମାନ ଘାଟିରୁ, ଜିଲ୍ଲା ସଦର ମହକୁମାକୁ ବସ୍‌ରେ ପଠାଯାଏ ।

❍ ତାପରେ, ବିଭିନ୍ନ ବ୍ଲକ୍ ସ୍ତରୀୟ ଔଷଧ ଦୋକାନକୁ ପଠାଯାଏ ।

❍ତାପରେ, ଟିକା ଗୋଷ୍ଠି କର୍ମୀ ମାନେ କିଣି ବରଫ ବାକ୍ସରେ (cold box) ଚାଷୀଙ୍କ ଦ୍ୱାରଦେଶରେ ଟିକାଦାନ ପାଇଁ ନିଅନ୍ତି ।

❍ ଟିକାକୁ ଫ୍ରିଜ୍‌ରେ କିମ୍ବା ବରଫ ବାକ୍ସରେ ରଖାଯାଏ ।

କୁକୁଡା ଟିକା ସଂରକ୍ଷଣ




ବରଫ ବାକ୍ସ | ବାକ୍ସ ଭିତରେ ବରଫ ପେକ | ବରଫ ପେକ | ଟିକା ବରଫ ପେକର ମଧ୍ୟ ଭାଗରେ

## ରେଫ୍ରିଜିରେଟର (ଥଣ୍ଡା କରିବା ଯନ୍ତ୍ର)

- ରେଫ୍ରିଜିରେଟର ଗୋଟିଏ ଥଣ୍ଡା ଘରେ ରଖନ୍ତୁ, ଏବଂ ଏହା ଉପରକୁ ସୂର୍ଯ୍ୟକିରଣ ଯେମିତି ପଡିବ ନାହିଁ । କାନ୍ଥଠାରୁ ୧୦ ସେଣ୍ଟିମିଟର ଦୂରରେ ଏହାକୁ ରଖନ୍ତୁ ।
- ଜମି ସହିତ ସମତଳ ଭାବରେ ଏହାକୁ ରଖନ୍ତୁ ।
- ରେଫ୍ରିଜିରେଟରକୁ ତାଲା ଲଗେଇ ରଖନ୍ତୁ ଦରକାର ପଡିଲେ ଖୋଲନ୍ତୁ ।
- ଗୋଟିଏ ଭୋଲଟେଜ ଷ୍ଟେବିଲାଇଜର ସହିତ ରେଫ୍ରିଜିରେଟରକୁ ସଂଯୋଗ କରନ୍ତୁ ।
- ରେଫ୍ରିଜିରେଟର ଉତ୍ତାପ ମାତ୍ରା ଦିନକୁ ଦୁଇ ଥର ମାପନ୍ତୁ ।



- ମଧ୍ୟବର୍ତ୍ତି ଥାକରେ ଭେକସିନ ବୋତଲ ସବୁ ରଖନ୍ତୁ ।
- ଡ଼ିଫ୍ରଜର୍ ଥିବା ରେଫ୍ରିଜେରେଟର ବ୍ୟବହାର କରନ୍ତୁ ।
- ଯଦି ରେଫ୍ରିଜେରେଟର ଖରାପ ହୁଏ, କାହାକୁ ଖବର ଦେଇ ସଜାଡ଼ିବେ ସେହି ମେକାନିକଙ୍କ ନାଁ ଆଉ ଫୋନ ନମ୍ବର ଲେଖି ରେଫ୍ରିଜିରେଟର କବାଟରେ ଲଗାନ୍ତୁ ।

## କଣ କରିବେ ନାହିଁ:

- ଅଯଥା ରେଫ୍ରିଜିରେଟର କବାଟ ବାରମ୍ବାର ଖୋଲନ୍ତୁ ନାହିଁ ।
- ଖାଦ୍ୟ ସାମଗ୍ରୀ ଏବଂ ପିଇବା ପାଣି ଏଥିରେ ରଖନ୍ତୁ ନାହିଁ ।
- ଭେକସିନ ଯାହାର ବୈଧ ସମୟ ସମାପ୍ତ ହୋଇଥିବ ଏଥିରେ ରଖନ୍ତୁ ନାହିଁ ।
- ଥରମୋଷ୍ଟେଟକୁ ଅଯଥା ବଦଳାନ୍ତୁ ନାହିଁ ।
- ଅତ୍ୟଧିକ ମାତ୍ରାରେ ଟିକା (ଭେକସିନ) ସଂଗ୍ରହ କରନ୍ତୁ ନାହିଁ । ଯାହା ଏକ ମାସ ବା ୨ ମାସ ପାଇଁ ଦରକାର ତାହା ରଖନ୍ତୁ ।
- ଯେଉଁ ସବୁ ଭେକସିନ ଅତି ନିକଟରେ ସମାପ୍ତି/ଅକାମୀ ହେବ ତାହାକୁ ଅଲଗା ରଖନ୍ତୁ । ସମାପ୍ତି/ଅକାମୀ ତାରିଖକୁ ଦେଖି ଅନ୍ୟ ଭେକସିନ ରେଫ୍ରିଜିରେଟର ରଖନ୍ତୁ ।
- ରେଫ୍ରିଜିରେଟର ଅନ୍ୟ ଥାକ ଗୁଡାକରେ ପାଣି ବୋତଲ ରଖନ୍ତୁ, ଯାହାଦ୍ୱାରା ଭେକସିନ ଥଣ୍ଡା ରହିବ ।

## ରୋଗ ପ୍ରତିରୋଧକ ଶକ୍ତି:

- ଟିକା ପଶୁ ପକ୍ଷୀ ମାନଙ୍କୁ ରୋଗ ଦାଉରୁ ରକ୍ଷାକରେ ।
- ଟିକା ରୋଗ ପ୍ରତିରୋଧ କରିଥାଏ କିନ୍ତୁ ରୋଗ ଭଲ କରେ ନାହିଁ ।
- ଟିକା ଦେବାର ୭ ରୁ ୧୫ ଦିନ ଭିତରେ ଶରୀରରେ ଆଣ୍ଟିବଡି ସୃଷ୍ଟି ହୁଏ; ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ । ଏହି ଆଣ୍ଟିବଡି ଶରୀରକୁ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ରୋଗ ନହେବା ପାଇଁ ପ୍ରତିରୋଧ କରେ ।

ଯଦି ଆପଣଙ୍କ ବିଦ୍ୟୁତ ସରାବରାହ ସଂଯୋଗ ୨ ଦିନ ପାଇଁ ବନ୍ଦ ରହେ, ତାହାହେଲେ ଆପଣ ଗୋଟିଏ ୨ ଫୁଟ X ୧ ଫୁଟ ଥରମୋକୁଲ ବକ୍ସ ଆଣନ୍ତୁ । ଏହାର ତଳ ଅଂଶ ବରଫ କିମ୍ବା ବରଫ

ପେକ ଦେଇ ଦିଅନ୍ତୁ । ଏାବଂ ପାର୍ଶ୍ୱରେ ମଧ୍ୟ ବରଫ ଦେଇ ସବୁ ଭେକସିନ ଭାଇଲକୁ ଗୋଟିଏ ଖବର କାଗଜରେ ଘୋଡେଇ ଏଥିରେ ରଖି ଦିଅନ୍ତୁ । ତାପରେ ଉପରେ ଗୋଟିଏ ସ୍ତର ବରଫ ବା ବରଫ ପେକ ରଖି ଦିଅନ୍ତୁ । ଥରମସର ଢାଙ୍କୁଣି ବନ୍ଦ କରନ୍ତୁ ଏବଂ ଏହାର ଚାରି ପଟେ ଟେପ ଲଗେଇ ଦିଅନ୍ତୁ । ଏହି ପଦ୍ଧତିରେ ଆପଣ ୨୪ ଘଂଟାରୁ ୪୮ଘଂଟା ଭେକସିନ ରଖି ପାରିବେ । ବିଦ୍ୟୁତ ସଂଯୋଗ ହେଲା ପରେ ରେଫ୍ରିଜିରେଟର ଚାଲିବାର ୨-୩ ଘଂଟା ପରେ ଭେକସିନ ଏଥିରେ ଆଉଥରେ ରଖି ଦିଅନ୍ତୁ ।

❍ ଯଦି ଆପଣଙ୍କର ଅଂଚଳରେ ବିଦ୍ୟୁତ ସଂଯୋଗ ବରାବର ବନ୍ଦ ରହେ ତାହା ହେଲେ ଗୋଟିଏ ଛୋଟ ଜେନେରେଟର ବ୍ୟବହାର କରନ୍ତୁ ।

## କୁଲର ବକ୍ସ ବା ଥଣ୍ଡା ରଖିବା ବାକ୍ସ

- ଏହା ସହିତ ସମସ୍ତେ ପରିଚିତ, କାରଣ ଗାଁ ଗହଳିରେ ପୋଲିଓ ଭେକସିନରେ ଏହା ବ୍ୟବହାର ହେଇଥାଏ ।
- ଏହି ବକ୍ସଟି ଏମିତି ତିଆରି ହୋଇଥାଏ ଯେ ବାହ୍ୟ ଉତ୍ତାପ ଏହି ବକ୍ସର ଭିତରକୁ ଯାଇ ପାରେ ନାହିଁ । ଏହା ଦ୍ୱାରା ଭିତର ଅଂଶ ଥଣ୍ଡା ହେଇ ରହିଥାଏ ।
- ଏହି ବାକ୍ସକୁ ସୂର୍ଯ୍ୟକିରଣରେ ରଖିବେ ନାହିଁ ।
- ଏହି ବାକ୍ସର ମୁଣ୍ଡରେ ଗୋଟିଏ ଢାଙ୍କୁଣୀ ଥାଏ ଯାହା ଭିତରକୁ ପବନ ଯିବାକୁ ଦିଏ ନାହିଁ ।
- ଏହି ବାକ୍ସ ବ୍ୟବହାର ଆଗରୁ ନିଶ୍ଚୟ କରନ୍ତୁ ଯେ କୌଣସି ଫାଟ ଏଥିରେ ନାହିଁ ।
- ଏହାକୁ ବ୍ୟବହାର କଲା ପରେ, ଏହାର ଢାଙ୍କୁଣୀ ଅଲଗା କରି ରଖନ୍ତୁ ।

## ଆଇସ ପେକ ବା ବରଫ ପେକ

ଆଇସ ପେକରେ ପାଣି କିମ୍ୱା ଏହାର ସ୍ୱତନ୍ତ୍ର ଜେଲ ଦେଇ ରଖନ୍ତୁ । ଆଇସ ପେକ ପୁରା ପାଣି କିମ୍ୱା ଜେଲ ଦ୍ୱାରା ଭରନ୍ତୁ ନାହିଁ, ଏହାର ମୁଣ୍ଡରେ ଗୋଟିଏ "ରେଖା" ଥିବ ସେତିକି ପର୍ଯ୍ୟନ୍ତ ଭରନ୍ତୁ ।

- ତା ପରେ ଆଇସ ପେକକୁ ରେଫ୍ରିଜିରେଟର ଅତି ଥଣ୍ଡା ଥାକ ବା ଫ୍ରିଜରରେ ରାତିସାରା ରଖନ୍ତୁ । ସକାଳୁ ବାହାର କରନ୍ତୁ ।

- ଚାରି ଖଣ୍ଡ ଥଣ୍ଡା ଆଇସ ପେକ କୁଲର ବକ୍ସର ଭିତରେ ଏମିତି ରଖନ୍ତୁ ଯେମିତି ଏହାର ମଧ୍ୟରେ ଭେକସିନ ରଖିବାକୁ ସ୍ଥାନ ମିଳିବ ।
- ଭେକସିନ ଆଇସ ପେକର ମଧ୍ୟଭାଗରେ ରଖନ୍ତୁ ।
- ଉପର ଢାଙ୍କୁଣୀକୁ ପୂର୍ଣ୍ଣଭାବେ ବନ୍ଦ କରନ୍ତୁ ।
- (୧.୬ ଲିଟର) ବଡ ଆଇସ ବାକ୍ସରେ ଭେକସିନ ଅଧିକ ସମୟ ପର୍ଯ୍ୟନ୍ତ ରଖି ହେବ । ଆଇସ ବାକ୍ସର ଭିତର ଉତ୍ତାପ ଏହାଦ୍ୱାରା ୨ – ୬° ସେଣ୍ଟିଗ୍ରେଡ୍ ରେ ରହିବ ।
- ଖରାଦିନେ ଆଇସ ବାକ୍ସରେ ଟିକା ୩୬ ଘଂଟା ରଖିହେବ / ଶୀତଦିନରେ ଆଇସବାକ୍ସରେ ଟିକା ୭୨ – ୯୬ ଘଂଟା ପର୍ଯ୍ୟନ୍ତ ରଖିହେବ ।

## ଭେକସିନ ବା ଟିକା ରକ୍ଷଣା ବେକ୍ଷଣ

ଟିକା ବା ଭେକସିନ ସାଧାରଣତଃ ରୋଗର ଜୀବାଣୁ ଅଥବା ଭୂତାଣୁକୁ ମାରି ଅଥବା ଦୁର୍ବଳ କରି ପ୍ରସ୍ତୁତ କରାଯାଏ । ତାହାକୁ କୁକୁଡା ମାନଙ୍କୁ ଦେଲେ ୭ – ୧୫ ଦିନ ଭିତରେ ରୋଗ ପ୍ରତିଷେଧକ ଶକ୍ତି ବର୍ଦ୍ଧିତ ହେଇଥାଏ ।

ସାଧାରଣତଃ ୩ ପ୍ରକାର ଟିକା ପ୍ରସ୍ତୁତ କରାଯାଏ ।

**୧. ଜୀବନ୍ତ ସୂକ୍ଷ୍ମ କୀଟାଣୁ**

**୨. ମୃତ ସୂକ୍ଷ୍ମ କୀଟାଣୁ**

**୩. ଟକ୍ସଏଡ୍**

- ସାଧାରଣତଃ ସବୁ କୁକୁଡା ରୋଗ ଭେକସିନ ପାଉଡର ଆକାରରେ ମିଳେ ।
- ଏହି ଭେକସିନକୁ ସୂର୍ଯ୍ୟକିରଣ, ଧୂଳି ଏବଂ ଉତ୍ତାପରେ ରଖିଲେ ଖରାପ ହେଇଯାଏ ।
- ସବୁବେଳେ ଭେକସିନର କାଚରେ ଲାଗିଥିବା ଲେବେଲକୁ ଭଲରୂପେ ପଢନ୍ତୁ । ସେଥିରେ ଭେକସିନ ତିଆରି ହେବା ତାରିଖ, ଭେକସିନ ଅକାମୀ ହେବା ତାରିଖ ଏବଂ କେଉଁ କମ୍ପାନି ଏବଂ ଭେକସିନର ନାମ ଇତ୍ୟାଦି ଲେଖା ଯାଇଥାଏ ।
- ଭେକସିନର କାମ କରିବା ଶକ୍ତି ସାଧାରଣତଃ ୬ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଥାଏ । ଅକାମୀ ତାରିଖ ପରେ ଭେକସିନ ବ୍ୟବହାର କରନ୍ତୁ ନାହିଁ ।

- ଅଧିକାଂଶ ଭେକସିନ +୨° ରୁ +୮° ସେଣ୍ଟିଗ୍ରେଡ ଥଣ୍ଡାରେ ରଖା ଯାଇଥାଏ ।

- ଯଦି ଭେକସିନ ୮° ସେଣ୍ଟିଗ୍ରେଡରୁ ଉର୍ଦ୍ଧ ଅର୍ଥାତ +୧୨° ସେଣ୍ଟିଗ୍ରେଡ ରେ ୧୫ ମିନିଟ ରହିଯାଏ, ତାହା ଅକାମୀ ହେଇଯାଏ ।

- ଯଦି ଭେକସିନ ଅକାମୀ ହେଲା ତାହାକୁ ଫୋପାଡ଼ି ଦିଅନ୍ତୁ ।

- ଭେକସିନ ପ୍ରୋୟଗଶାଳାରେ ତିଆରି ହେବା ସମୟରୁ ଭେକସିନ ବିଭିନ୍ନ ଅଂଚଳକୁ ପହଂଚିବା ଅର୍ଥାତ୍ ଚାଷୀଙ୍କ ଘର ଦ୍ୱାର ପର୍ଯ୍ୟନ୍ତ ଥଣ୍ଡାରେ ରଖିବାକୁ ପଡେ, ନଚେତ ଭେକସିନ ଅକାମୀ ହେଇଯିବ ।

## ଡାଇଲୁଏଣ୍ଟ ବା ଭେକସିନରେ ମିଶାଇବା ପାଣି

- ଭେକସିନ ପାଉଡର ଆକାରରେ ଛୋଟ ଔଷଧ କାଚରେ ମିଳିଥାଏ । ଏହା ୨-୮° ସେଣ୍ଟିଗ୍ରେଡ଼ ଉତ୍ତାପରେ ରଖାଯାଏ ।

- ଭେକସିନ ବ୍ୟବହାର କରିବା ପୂର୍ବରୁ ଭେକସିନ ପାଣି ବା ଡାଇଲୁଏଣ୍ଟ ଏଥିରେ ମିଶା ଯାଏ । ଏହା ଭେକସିନ ବିକିବା କମ୍ପାନି ଭେକସିନ ସହିତ ଦେଇଥାଏ । ଲାସୋଟା ଭେକସିନର ପାଣି ହିଁ ଲାସୋଟା ପାଉଡର ପାଇଁ ବ୍ୟବହାର କରିବେ ।

- ଭେକସିନରେ ଡାଇଲୁଏଣ୍ଟ ମିଶାଇବା ପୂର୍ବରୁ ଏହାକୁ ରାତିଟିଏ +୨-୮° ସେଣ୍ଟିଗ୍ରେଡ଼ ଥଣ୍ଡାରେ ରେଫ୍ରିଜିରେଟର ରଖନ୍ତୁ ; ଥଣ୍ଡା ନ କଲେ ଭେକସିନ ନଷ୍ଟ ହୋଇଯିବ ।

**କୁକୁଡା ଟିକା କରଣ**





- କୁକୁଡା ବସନ୍ତ ଏବଂ ସାଧାରଣ ଲାସୋଟା ବା ଆର.ଟୁବି ଭେକସିନ କାଚ ଡାଇଲୁଏଣ୍ଟ ପାଣିରେ ମିଶାଇଲା ପରେ ଏହାକୁ ୨ଘଂଟା ଭିତରେ ବ୍ୟବହାର କରିବେ । ଏହି ମିଶା ଭେକସିନକୁ ବରଫରେ ରଖି ଟିକା ଦେବା ପାଇଁ ବ୍ୟବହାର କରନ୍ତୁ ।

## କୁକୁଡାର ଦେହ ଉପରେ ଥିବା ପରଜୀବି ଏବଂ ଏହାର ନିରାକରଣ

- ଘରେ ରଖିଥିବା କୁକୁଡ଼ା ଦେହରେ ବେଳେ ବେଳେ ଉକୁଣୀ ଓ ଟିଙ୍କ ଦେଖାଯାଏ ।
- ଲୋକ ମାନେ କୁକୁଡ଼ାର ଉକୁଣୀ ସମ୍ବନ୍ଧରେ ଭଲଭାବେ ଜାଣିଛନ୍ତି ।
- ଉକୁଣୀମାନେ କୁକୁଡ଼ା ଦେହରୁ ରକ୍ତ ଶୋଷି ନିଅନ୍ତି ।
- ଏମାନେ କୁକୁଡା ଥିବା ଘରର କାନ୍ଥରେ ରହନ୍ତି ।
- ଏମାନେ ମଣିଷର ମୁହଁ ଓ ଦେହରେ ଚାଲନ୍ତି, ଯାହାକି ବହୁତ ବିରକ୍ତିକର।

## କୁକୁଡ଼ାର ଉକୁଣୀର ପ୍ରତିକାର:



- ଉକୁଣୀ ମରା ଔଷଧ ଲଗାଇଦିଆଯାଏ ।
- କୁକୁଡା ରହୁ ଥିବା ଘରର କାନ୍ଥବାଡରେ ଉକୁଣୀ ମରା ଔଷଧ ପ୍ରୟୋଗ କରାଯାଏ ।

## ଚିକିତ୍ସା ଓ ନିୟନ୍ତ୍ରଣ

- ସେଭିନ୍ ୫% - ସେଭିନ ପାଉଡର ୧ ଅଂଶ ଯାହାକି ପାଉଁଶ କିମ୍ବା ସଫା ବାଲି (୫ ଅଂଶ) ସହିତ ମିଶାଯାଇଥାଏ ।

- କୁକୁଡାର ସାରା ଦେହରେ ଓ ଡେଣା ଭିତରେ ମଧ୍ୟ ପ୍ରୟୋଗ କରନ୍ତୁ । ଏହା ଉକୁଣୀ ଓ ଏହାର ଅଣ୍ଡାକୁ ମଧ୍ୟ ମାରିଦେବ ।

- ପାଣିରେ ୧ ରୁ ୩% ମାଲାଥିଅନ୍ ମିଶାଇ କୁକୁଡା ରହୁଥିବା ଘରର କାନ୍ଥ ଓ ଅନ୍ୟ ସବୁଆଡେ ସ୍ପ୍ରେ କରନ୍ତୁ କିମ୍ବା କାଦୁଅ ସହ ମିଶାଇ ଲିପି ଦିଅନ୍ତୁ ଯାହାକି ଭଲ କାମ ଦେବ ।

- କିଛି ଆଦିବାସୀ ଭାଇମାନେ ମହିଷି ଗୋବର ଲେପ କୁକୁଡା ବସାର କାନ୍ଥରେ ଲିପିଥାନ୍ତି । ଏହା କୁକୁଡା ଉକୁଣୀର ଏକ ପ୍ରତିକାର ।

- ଆପଣ ମଧ ୧୫୦ ଗ୍ରାମ୍ ରସୁଣ ନେଇ ତାହାକୁ ବାଟି ଦିଅନ୍ତୁ। ଏହାକୁ ଛାଣି ୩୦ ମି.ଲି. ରସୁଣ ରସ ବାହାର କରନ୍ତୁ। ଏହି ରସରେ ୩୦୦ ମି.ଲି. ପାଣି ମିଶାଇ ଏହାକୁ କୁକୁଡା ଦେହରେ ମଧ ସ୍ପ୍ରେ କରିଦିଅନ୍ତୁ। ଏତଦ୍ୱାରା କୁକୁଡା ଉକୁଣୀ ଆୟତ୍ତ ହେବ।

- କିଛି ଅଂଚଳରେ ଲୋକେ କୁକୁଡା ଉକୁଣୀରୁ ରକ୍ଷା ପାଇବା ପାଇଁ ବଣତୁଳସୀ ଡାଳ କୁକୁଡା ଘରେ ବାନ୍ଧିରଖନ୍ତି ଅଥବା ଜାଳନ୍ତି ।

- ଆସୁନଟଲ ଔଷଧ ୧ଗ୍ରାମ ୧-୨ ଲିଟର ପାଣିରେ ମିଶାଇ କୁକୁଡାଙ୍କୁ ଗାଧୋଇ ଦିଅନ୍ତୁ ।

- ୧୦ ଗ୍ରାମ ଧୁଆଁପତ୍ର ୧ ଲିଟର ପାଣିରେ ୧୦ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାକୁ କୁକୁଡା ଘର କାନ୍ଥରେ ଲଗାନ୍ତୁ ।

- କୁକୁଡା ଉକୁଣୀ ମାରିବା ଔଷଧ ବ୍ୟବହାର କରିବାର ୧୦ ଦିନ ପରେ ଏହି ଔଷଧ ଆଉ ଥରେ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଅଣ୍ଡାରୁ ଜାତ ହୋଇଥିବା ନୂଆ ଉକୁଣୀ ଲୋପ ପାଇବେ। କାରଣ ଉକୁଣୀ ମରା ଔଷଧ ଅଣ୍ଡାକୁ ନଷ୍ଟ କରି ନଥାଏ।

- ଆୟୁର୍ବେଦ ଔଷଧ ପେଷ୍ଟୋବାନ୍ ୧ମି.ଲି. ସହ ୧୦ମି.ଲି. ପାଣି ମିଶାଇ କୁକୁଡାର ଦେହସାରା ବୋଳିଦେଲେ ଟିଙ୍କ, କିଟ, ଉକୁଣୀ ମରିଯାନ୍ତି।

## କୁକୁଡ଼ାର ଅନ୍ତଃ କୃମିର ପ୍ରତିକାର- କୁକୁଡ଼ାର ଗୋଲ କୃମି

- ସବୁ ଚାଷୀଭାଇ ଓ ଭଉଣିମାନେ କୁକୁଡାର ଗୋଲ କୃମି ସମ୍ବନ୍ଧରେ ଭଲଭାବେ ଜାଣିଛନ୍ତି । ଏମାନେ ୧ ରୁ ୨ ଇଞ୍ଚ ଲମ୍ବା ଏବଂ ମଳରେ ପଡିଥାନ୍ତି ।

- ଏମାନଙ୍କୁ "ଗୋଲ କୃମି" କୁହାଯାଏ ।



ଏଲବେଣ୍ଡାଜୋଲ ପାଣି ଔଷଧ

- ଏମାନେ ଅନ୍ତନଳୀ ମଧ୍ୟରେ ରହି ଖାଦ୍ୟ ସାର ଖାଇ ଦିଅନ୍ତି ।
- "କୁକୁଡା କୃମି" ଦ୍ୱାରା କୁକୁଡା ଭଲ ବଢିପାରେ ନାହିଁ ଏବଂ ମରିଯାଆନ୍ତି ମଧ୍ୟ ।

## ପ୍ରତିକାର

- ଗୋଲାକାର କୃମିର ଚିକିତ୍ସା ଔଷଧ ଦ୍ୱାରା ହେଇଥାଏ ।
- ଏଲବେଣ୍ଡାଜୋଲ ଔଷଧ ଗୋଲାକାର କୃମି ଚିକିତ୍ସାରେ ଭାରି ଉପଯୋଗୀ । ବଜାରର ଆହୋମାର, କାଲବେଣ ଆଦି କୃମି ନିବାରକ ଔଷଧ ମିଳୁଛି।
- ଏହା ୨ମାସରୁ ଉର୍ଦ୍ଧ ଚିଆଁଙ୍କୁ ଏବଂ ସମସ୍ତ ବଡ କୁକୁଡାଙ୍କୁ ଦିଆଯାଇ ଥାଏ । ତାପରେ ପ୍ରତି ୩ମାସରେ ଥରେ ଏଲବୋଣ୍ଡାଜୋଲ ଖୁଆଇବା ଉଚିତ ।
- ଏଲବୋଣ୍ଡାଜୋଲ ଦେବା ୭ ରୁ ୧୦ ଦିନ ପରେ ସାଧାରଣତଃ ରାଣୀକ୍ଷେତ/ କୁକୁଡା ବସନ୍ତ ଟିକା ଦେବା ଉଚିତ । ଏହା ରୋଗ ପ୍ରତିଷେଧକ ଶକ୍ତିକୁ ଟାଣ କରିଥାଏ ।
- ଏଲବୋଣ୍ଡାଜୋଲ ଚିଆଁ ଏବଂ ବଡ କୁକୁଡାଙ୍କୁ ତାଙ୍କର ଓଜନ ଅର୍ଥାତ ବୟସକୁ ଦେଖି ଦିଆଯାଇଥାଏ । ଏହା ଆପଣ ପୂର୍ବ ପୃଷ୍ଠାରେ ଦିଆଯାଇଥିବା ଚିତ୍ରରେ ଦେଖିପାରିବେ ।
- କୃମିନାଶକ ଔଷଧ କୁକୁଡାରେ ନିୟମିତ ବ୍ୟବହାର କଲେ, କୁକୁଡାମାନେ ସତେଜ ଦେଖାଯାନ୍ତି, ଯାହାକି ଚାଷୀ ଭାଇଙ୍କୁ ଆକୃଷ୍ଟ କରିଥାଏ ।

## ଫିତାକୃମି

- ଏଗୁଡିକ ପାତିଆ ଆକାରର ପତଳା ଓ ଧଳା ଯାହାକୁ "ଟେପ୍‌ଟା କୃମି" କୁହାଯାଏ ।
- ଏମାନେ କୁକୁଡାର ଛୋଟ ଅନ୍ତଃନଳୀରେ ରହନ୍ତି । ଏମାନେ ଖଣ୍ଡ ଖଣ୍ଡ ହେଇ ମଳରେ ପଡିଥାନ୍ତି ଏବଂ ଚାଉଳ ଖୁଦ ଭଳି ଦେଖାଯାନ୍ତି ।
- ଏହାଦ୍ୱାରା କୁକୁଡାର ଖାଇବାକୁ ଆଗ୍ରହ କମିଯାଏ, ପତଳା ଝାଡା ହୁଏ ଏବଂ ପକ୍ଷାଘାତ ମଧ୍ୟ ହୁଏ ।
- କେଞ୍ଚୁଆ ବା ଜିଆ ଫିତାକୃମିର ଅଣ୍ଡାକୁ ଖାଇଥାଏ ଏବଂ ଜିଆ ଦେହରେ ତାର ଜୀବନ ଚକ୍ରକୁ ପୁର୍ଣ୍ଣ କରେ । ଯେତେବେଳେ କୁକୁଡା ଜିଆ ଖାଇଥାଏ, ଫିତାକୃମିର ଲାର୍ଭା କୁକୁଡା ପେଟକୁ ଯାଏ ଓ ଅନ୍ତନଳୀରେ ଲାର୍ଭା ବଢି ପୂର୍ଣାଙ୍ଗ ଫିତାକୃମିରେ ପରିଣତ ହୁଏ।

## ପ୍ରତିକାର

- ଟାନିଲ ପାଉଡର -୧୦୦ ଗ୍ରାମର ପ୍ୟାକେଟ ହିସାବରେ ଔଷଧ ଦେକାନରେ ମିଳେ । ମାତ୍ରା – ୧୦୦ ମି.ଲି ଗ୍ରାମ ପ୍ରତି ଏକ କେଜି ଓଜନ କୁକୁଡା ପାଇଁ ଖାଇବାକୁ ଦିଆଯାଏ ।
- ଏଲବେଣ୍ଡାଜୋଲ -୩ ମି.ଲି ପ୍ରତି ୧୦ଟି ପକ୍ଷୀ ପାଇଁ କିମ୍ବା ୦.୩ ମି.ଲି ପ୍ରତି କୁକୁଡ଼ା ପାଇଁ (୪ ଟୋପା ଖୁଆଇ ଦିଅନ୍ତୁ) ।

## କକ୍ସିଡିଓସିସ୍

ଏହି ଏକକୋଷୀ ପରଜୀବୀ ଦ୍ୱାରା ହେଉଥିବା ରୋଗ କୁକୁଡା ଚାଷୀମାନଙ୍କୁ ସର୍ବାଧିକ କ୍ଷତି କରିଥାଏ। ୩ ରୁ ୬ ସପ୍ତାହ ବୟସ ମଧ୍ୟରେ ହଠାତ୍ ରୋଗ ସଂକ୍ରମଣ ହୋଇଥାଏ। ବଡ଼ କୁକୁଡ଼ାଙ୍କ କ୍ଷେତ୍ରରେ ଏହି ରୋଗ ବହୁତ କମ୍ ଦେଖାଯାଏ।

## ରୋଗ ସଂକ୍ରମଣ :

ଅସରପା, ମୂଷା, ପୋଷା ଜନ୍ତୁ ଓ ବନ୍ୟ ପକ୍ଷୀଙ୍କ ଦ୍ୱାରା ରୋଗ ବ୍ୟାପିଥାଏ। ସଂକ୍ରମିତ ଖାଦ୍ୟ ଓ ପାଣି ଦ୍ୱାରା କୁକୁଡା ମାନେ ରୋଗାକ୍ରାନ୍ତ ହୁଅନ୍ତି।




## ଲକ୍ଷଣ:

- ମାନ୍ଦା ଓ ନିଶ୍ଚଳ ହୋଇ ମୁଣ୍ଡ ତଳକୁ ପୋତିଥାଏ।
- ଡେଣା ଝୁଲି ରହେ ଓ ପର ଠିଆ ଠିଆ ରହେ।
- ଚିଆଁମାନେ ଗୋଟିଏ ସ୍ଥାନରେ ରୁଣ୍ଡ ହୁଅନ୍ତି।
- ପତଳା ଝାଡା, ନାଳରକ୍ତ ଝାଡା ଓ କଳା ଝାଡା ହୁଏ ।
- ଆଖି ପ୍ରାୟତଃ ବନ୍ଦ ରହିଥାଏ।

- କୁକୁଡ଼ା ଅଧିକାଂଶ ସମୟରେ ଅଳ୍ପ ଖାଦ୍ୟ ଖାଇଥାଏ ବେକର ତଳ ଥଳୀ (Crop)ଫୁଲି ଝୁଲିରହିବା।

## ରୋଗର ନିବାରଣ ଓ ପ୍ରତିକାରः

- ପରିଷ୍କାର ପରିଚ୍ଛନତାକୁ ଦୃଷ୍ଟି ଦିଅନ୍ତୁ।
- ସଲ୍ଫା ବଟିକା, ଆମ୍ପ୍ରୋସଲ୍ ଆଦି ଔଷଧ ପ୍ରୟୋଗ କରି ଚିକିତ୍ସା କରାଯାଏ।
- ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଚିକିତ୍ସା କରନ୍ତୁ।

# ମରିଯାଇଥିବା କୁକୁଡାକୁ ନଷ୍ଟ କରିବା ପଦ୍ଧତି

ଗ୍ରାମମାନଙ୍କର କୁକୁଡାମାନଙ୍କୁ ବାରମ୍ବାର ହେଉଥିବା ସଂକ୍ରାମକ ରୋଗ ଯଥା ; ରାଣୀକ୍ଷେତ, ବାର୍ଡ-ଫ୍ଲୁ ଓ ବସନ୍ତ ରୋଗର ବହୁତ ପ୍ରଭାବ ରହିଛି ।

- ଅଧିକାଂଶ ଗ୍ରାମରେ ଲୋକମାନେ ରୋଗ ଓ ମରିଯାଇଥିବା କୁକୁଡାମାନଙ୍କୁ ଖାଇଦେଇଥାନ୍ତି ॥

- ବେଳେବେଳେ ଯଦି ବହୁତ କୁକୁଡା ଏକାଥରେ ମରିଯାଆନ୍ତି, ତାହାହେଲେ ଲୋକମାନେ ତାର ମାଂସକୁ ଖରାରେ ଶୁଖାଇ ଘରେ ଖାଇବା ପାଇଁ ସାଇତି ରଖନ୍ତି । ଏହା ଅନୁଚିତ୍ ।

- ଯଦି ରାଣୀକ୍ଷେତ ରୋଗ ବା କୁକୁଡା ମରୁଡି ଗ୍ରାମରେ ଦେଖାଯାଏ, ତାହାହେଲେ ଲୋକମାନେ ସମସ୍ତ କୁକୁଡାଙ୍କୁ ପାଖରେ ଥିବା ହାଟରେ ଶସ୍ତାରେ ବିକ୍ରି କରି ଦିଅନ୍ତି କିମ୍ବା ଅନ୍ୟ ଗ୍ରାମରେ ଥିବା ବନ୍ଧୁବାନ୍ଧବମାନଙ୍କୁ ଦେଇ ଯାଆନ୍ତି । ଏହା ଅନୁଚିତ୍ ।

- ଯେତେବେଳେ ରୋଗ ଲାଗିଯାଇଥିବା କୁକୁଡାକୁ ଅନ୍ୟ ଗ୍ରାମରେ ଲୋକେ ଶସ୍ତାରେ ହାଟରୁ କିଣି ନିଅନ୍ତି ସେଗୁଡିକ ଅନ୍ୟ ସୁସ୍ଥ କୁକୁଡାମାନଙ୍କର ସଂସ୍ପର୍ଶରେ ଆସି ରୋଗ ବଢିବାରେ ସାହାଯ୍ୟ କରନ୍ତି । ଫଳରେ ସାରା ଗାଁରେ ଏହି ରୋଗ ବ୍ୟାପିଯାଏ ।

## ଜୈବ ନିରାପତା

- କିଛି ଗ୍ରାମରେ ଲୋକେ ଘରର ସମସ୍ତ କୁକୁଡାକୁ ରଶି ଦ୍ୱାରା ଛୋଟ ଛୋଟ ଖୁଣ୍ଟରେ ଘର ଅଗଣା ଏବଂ ଘର ଚାରି ପଟେ ୨-୪ ଦିନ ବାନ୍ଧି ରଖନ୍ତି । ଏହାଦ୍ୱାରା ରୋଗ ବ୍ୟାପି ନଥାଏ ।

- ସଂକ୍ରାମକ ରୋଗ ଲାଗିଥିବା ସମୟରେ କୁକୁଡାକୁ କିଣାବିକା କରିବା ଉଚିତ୍ ନୁହେଁ ।
- ଜଣାଥିବା ରୋଗମୁକ୍ତ ଗାଁରୁ କୁକୁଡା କିଣିବା ଉଚିତ୍ ।

♦ ସଂକ୍ରାମକ ରୋଗ ତଥା; ରାଣୀକ୍ଷେତ କିମ୍ୱା ବାର୍ଡ଼ ଫ୍ଲୁ ଲକ୍ଷଣ ଦେଖିଲେ, ସଙ୍ଗେ ସଙ୍ଗେ ଏଲ. ଆଇ. ସେଂଟର କିମ୍ୱା ପଶୁଚିକିତ୍ସାଳୟରେ ସାହାଯ୍ୟ ପାଇଁ ପରାମର୍ଶ କରନ୍ତୁ ।

ତେଣୁ ରୋଗ ସଂକ୍ରମଣ ଦମନ କରିବା ପାଇଁ ମରିଯାଇଥିବା କୁକୁଡାମାନଙ୍କୁ ଭଲଭାବେ ନଷ୍ଟ କରିବା ନିହାତି ଦରକାର । ଏହକୁ ଦୁଇ ପ୍ରକାରରେ କରାଯାଇ ପାରିବ ।

୧. ଗଭୀର ଗାତ ଖୋଳି ପୋତି ଦେବା ।

୨. ନିଆଁରେ ପୋଡି ଦେବା ।

## ୧. ଗଭୀର ଗାତ ଖୋଳି ପୋତିଦେବା

♦ ପୋତିବା ପାଇଁ ଗୋଟିଏ କୁକୁଡାକୁ ୧ ଫୁଟ X ୧ ଫୁଟ X ୨ ଫୁଟ ଆକାରରେ ଗାତ ଯଥେଷ୍ଟ ।



- ଏହା ଲୋକଙ୍କ ପାଇଁ କିଛି ନୂଆଁ ନୁହେଁ । ଏହା ଏକ ସହଜ ଓ ଭଲ ଉପାୟ । ତା ଉପରେ ମୃତ କୁକୁଡାକୁ ପକାନ୍ତୁ ।
- ପୋତିବା ପୁର୍ବରୁ ଗାତର ତଳେ କିଛି ଚୁନ ପକାନ୍ତୁ ଏବଂ ଗାତ ବୁଜିବା ବେଳେ ମଧ୍ୟ ଚୁନ ଗୁଣ୍ଡ ଢାଳନ୍ତୁ ।
- ବେଳେ ବେଳେ ଗଧିଆ ଓ ବିଲୁଆମାନେ ମଲା କୁକୁଡାମାନଙ୍କୁ ଗାତରୁ ବାହାର କରି ଖାଇ ଦିଅନ୍ତି । ଏହାକୁ ରୋକିବା ପାଇଁ ମାଟି ଉପରେ ବ୍ଲିଚିଙ୍ଗ ପାଉଡ଼ର୍ ପକାଯାଏ ।
- ପୋତିବା ପରେ ଆପଣ ହାତ, ଗୋଡ ଲାଇଫବଏ ସାବୁନ ପାଣିରେ ଧୋଇ ଦିଅନ୍ତୁ ।

## ୨. ପୋଡ଼ି ଦେବା

- କୁକୁଡା ପୋଡ଼ିଦେବା ହେଉଛି ସବୁଠାରୁ ଭଲ ଉପାୟ ।
- କିଛି କାଠ, ଗୋବର ଘସି ସଂଗ୍ରହକରି ତା ଉପରେ ମଲା କୁକୁଡା ରଖାଯାଏ ।
- ଅଳ୍ପ କିରାସିନ୍ ତେଲ ଢାଳି ନିଆଁ ଲଗାଇ ପୋଡି ଦିଆଯାଏ ।
- ଖାଲି ହାତରେ ବାର୍ଡ ଫ୍ଲୁ ରୋଗରେ ମରିଯାଇଥିବା କୁକୁଡାକୁ ନଧରି ଦୁଇଟି କାଠରେ ଧରି ନିଆଁରେ ପକାଯାଏ ।
- କୁକୁଡା ମରିଥିବା ସ୍ଥାନକୁ ଫିନାଇଲରେ ପାଣି ମିଶାଇ ଧୋଇ ଦିଅନ୍ତୁ ।
- କୁକୁଡ଼ା ପରକୁ ମଧ୍ୟ ପୋଡି ଦେବା ଅବଶ୍ୟକ ।
- ଏହାର ଏକ ସବୁଠାରୁ ଅସୁବିଧା ହେଉଛି, ଜାଳେଣୀ କାଠ ମହଙ୍ଗା ଓ ଏହା ନ ମିଳିପାରେ ।

**ମୃତ କୁକୁଡା ପୋଡ଼ିବା ପ୍ରଣାଳୀ**



# ଗୋଷ୍ଠି ପ୍ରାଣୀ ସହାୟକ/ ସହାୟିକା ଓ ପ୍ରାଣୀମିତ୍ର

ପ୍ରାଣୀମିତ୍ର ଓ ଗୋଷ୍ଠି ପ୍ରାଣୀ ସହାୟକ ମାନେ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠି (ଏସ୍.ଏଚ୍.ଜି.) ମାନଙ୍କ ପ୍ରାଣୀ ସଂପଦର ବିକାଶ ପାଇଁ ବଛା ହୋଇ ଟ୍ରେନିଂ ପାଇଥାନ୍ତି। ଏମାନେ ଗାଁର ଛେଳି ଏବଂ କୁକୁଡ଼ା ସଂପର୍କୀତ ସମସ୍ୟା ପାଇଁ ପ୍ରାଥମିକ ଚିକିତ୍ସା, କୃମିନାଶକ ଔଷଧର ବ୍ୟବହାର ଏବଂ ଟିକାକରଣ ଇତ୍ୟାଦି କରିବାରେ ସାହାଯ୍ୟ କରିଥାନ୍ତି।

ପ୍ରାଣୀମିତ୍ରମାନେ ପ୍ରାଣୀ ସଂପଦ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଏବଂ ପଶୁ ସଂପଦ ବିଭାଗର ଅଧିକାରୀ ମାନଙ୍କ ସହିତ ସଂପର୍କ ସ୍ଥାପନରେ ସାହାଯ୍ୟ କରିଥାନ୍ତି।

କୌଣସି ପ୍ରକାରର ରୋଗର ଉପଶମ ପାଇଁ ପ୍ରାଣୀ ଚିକିତ୍ସକ ଏବଂ ପ୍ରାଣୀଧନ ନିରୀକ୍ଷକ ସହିତ ସଂପର୍କ କରିଥାନ୍ତି। ଏମାନଙ୍କ ଦ୍ୱାରା ପାଉଥିବା ସେବା ଓ ସାହାଯ୍ୟ ପାଇଁ ନିର୍ଦ୍ଧାରିତ ପାଉଣା ଗ୍ରାମବାସୀଙ୍କୁ ଦେବାକୁ ପଡ଼ିଥାଏ।



## ବଜାର ବ୍ୟବସ୍ଥା ଓ ମହିଳା କୁକୁଡ଼ା ଚାଷୀ ସଂଗଠନର ଆବଶ୍ୟକତା

ଦେଶୀ କୁକୁଡ଼ାର ଚାହିଦା ଥିବାରୁ ପ୍ରାୟତଃ ଆଖପାଖ ଗାଁର ବେପାରୀମାନେ ପ୍ରତ୍ୟେକ ଘରୁ କୁକୁଡ଼ା ସଂଗ୍ରହ କରି ହାଟ, ବଜାର କିମ୍ବା ସହରରେ ବିକ୍ରି କରି ବେଶ୍ ଦୁଇ ପଇସା ପାଇଥାନ୍ତି।

ଅନେକ ସମୟରେ ମହିଳାମାନେ ନିକଟସ୍ଥ ହାଟ ବଜାରରେ କୁକୁଡ଼ା ବେପାରୀମାନଙ୍କୁ ବିକ୍ରି କରିଥାନ୍ତି। ଅନେକ ସମୟରେ ଏହା ଓଜନ କରାଯାଇନଥାଏ। ଆନୁମାନିକ ମୂଲ୍ୟରେ କୁକୁଡ଼ା ବିକ୍ରି କଲେ ଠକାମିରେ ପଡ଼ିବାର ସମ୍ଭାବନା ଅଧିକ । ତେଣୁ କୁକୁଡ଼ା ବିକ୍ରି କରିବା ପୂର୍ବରୁ ଭଲ ଭାବରେ ଓଜନ କରି ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ।

**ଓଜନ ଅଧାରରେ କୁକୁଡ଼ା ବିକ୍ରୟ**



# ଗ୍ରାମାଞ୍ଚଳରେ କୁକୁଡ଼ା ପାଳନ ସମ୍ବନ୍ଧୀୟ ଉପଯୋଗୀ କୌଶଳ

## ସମୟ ନିର୍ଘଣ୍ଟ

| ଦିନ/ ସମୟ | ବିଷୟବସ୍ତୁ | ପ୍ରଣାଳୀ |
|---|---|---|
| ଦିନ- ୧<br>ପ୍ରଥମ ଅଧିବେଶନ | ଉପକ୍ରମ<br>ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିବରଣୀ<br>ସ୍ଥାନୀୟ ପରିସ୍ଥିତିରେ କୁକୁଡ଼ା ପାଳନ ମାଧ୍ୟମରେ ଜୀବିକା ଓ ସାମାଜିକ ଜୀବନରେ ଉପକାରିତା ବିଷୟରେ ଆଲୋଚନା<br>ଦେଶୀ କୁକୁଡ଼ା ପ୍ରଜାତି ଏବଂ ଗୁଣ<br>କୁକୁଡ଼ା ପାଳନରୁ ପରିବାରର ଆୟ<br>ଚଷୀଙ୍କୁ ପରିରି ଉତ୍ପାଦନ ନିମନ୍ତେ ମୁଖ୍ୟ ପ୍ରତିବନ୍ଧକ ଓ ସମସ୍ୟା ଗୁଡ଼ିକ ଚର୍ଚ୍ଚା ?<br>କୁକୁଡ଼ା ପାଳନ ପଦ୍ଧତି | ଦଳଗତ ଆଲୋଚନା |
| ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ଅଧିବେଶନ | ଓଡ଼ିଶାର କୋରାପୁଟ ଓ ଗଜପତି ଜିଲ୍ଲାରେ ଗ୍ରାମାଞ୍ଚଳରେ କୁକୁଡ଼ା ପାଳନ ସମ୍ବନ୍ଧିୟ ପ୍ରାମାଣିକ ଚଳଚ୍ଚିତ୍ର<br>ଗାଲଭମେଡ଼ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର 'କୁକୁଡ଼ା ପାଳନ ସମ୍ବନ୍ଧୀୟ ଉପଯୋଗୀ କୌଶଳ'<br>ଆଧୁନୀକ ପଦ୍ଧତିରେ କୁକୁଡ଼ା ପାଳନ - ଭିଡ଼ିଓ ଫିଲ୍ମ | |
| | | |

| ଦିନ/ ସମୟ | ବିଷୟବସ୍ତୁ | ପ୍ରଣାଳୀ |
|---|---|---|
| ଦିନ– ୧<br>ପ୍ରଥମ ଅଧିବେଶନ | କୁକୁଡ଼ା ମାନଙ୍କ ସାଧାରଣ ରୋଗ, ପ୍ରତିଷେଧକ ଓ ସାଧାରଣ ଚିକିତ୍ସା<br>୧. ରାଣୀକ୍ଷେତ ରୋଗ ବା ନ୍ୟୁକାସାଲ ରୋଗ<br>୨. କୁକୁଡ଼ା ବସନ୍ତ<br>୩. ଧଳା ଝାଡ଼ା<br>୪. କୁକୁଡ଼ା କଲେରା<br>୫. ଟିଙ୍କ, ଉକ୍କୁଣୀ<br>୬. ଗୋଲ୍ କୃମି<br>୭. ଫିତା କୃମି<br>୮. କକ୍ସିଡ଼ିଓସିସ୍<br>୯. ବାର୍ଡ଼-ଫ୍ଲୁ<br>ରୋଗ ପ୍ରତିଷେଧକ ବା ଟିକାକରଣ<br>ଟିକା ପ୍ରସ୍ତୁତି ଓ ଟିକାଦାନ ସମ୍ବନ୍ଧୀୟ ଜ୍ଞାନ – ମାତ୍ରା, ମାଧ୍ୟମ ଓ କେଉଁ ବୟସରେ ଦିଆଯିବ<br>କୃମିନାଶକ ଔଷଧ ପ୍ରଦାନ<br>କୁକୁଡ଼ା ଟିକା ସାଇତି ରଖିବା ପାଇଁ ଶୀତଳ ଶୃଙ୍ଖଳା ରକ୍ଷା<br>ରେଫ୍ରିଜେରଟରରେ ତାପମାତ୍ରା ପରିଚାଳନା<br>ରେଫ୍ରିଜେରଟର ସଫା ରଖିବା<br>ଟିକା ପରିବହନ ଓ ଟିକାକୁ ଚାଷୀଙ୍କ ଦ୍ୱାରଦେଶରେ ପହଞ୍ଚାଇବା<br>ଟିକାକୁ ଥଣ୍ଡା ତାପମାତ୍ରାରେ ସାଇତି ରଖିବା | ଦଳଗତ ଆଲୋଚନା |
| ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ଅଧିବେଶନ | ସିରିଞ୍ଜ୍ ,ଛୁଞ୍ଚି, ଚମଡ଼ା ତଳେ ଇଞ୍ଜେକସନ୍ ଦେବା ଅଭ୍ୟାସ – କଦଳୀ ପଟାରେ<br>ଲାସୋଟା – ଉତ୍ତାପ ସହଣିକ (Thermotolerant) ଟିକା | |

| ଦିନ/ ସମୟ | ବିଷୟବସ୍ତୁ | ପ୍ରଣାଳୀ |
|---|---|---|
| ଦିନ- ୧<br>ପ୍ରଥମ ଅଧିବେଶନ | କୁକୁଡ଼ା ପାଳନରୁ ଉତ୍ପାଦନ ବୃଦ୍ଧି ସକାଶେ ଉତ୍ତମ ପରିଚାଳନା<br>କୁକୁଡ଼ା ଘର ଓ ଉପକରଣ<br>କୁକୁଡ଼ା ଚିଆଁ ଫୁଟାଇବା ପ୍ରଣାଳୀ<br>ସନ୍ତୁଳିତ କୁକୁଡ଼ା ଖାଦ୍ୟ<br>ନିଜ ବାଡ଼ିରେ ଧଳା ଉଈ ଉତ୍ପାଦନ<br>କମ୍ ଖର୍ଚ୍ଚରେ ଘରେ କୁକୁଡ଼ା ଖାଦ୍ୟ ପ୍ରସ୍ତୁତି<br>ଆଜୋଲାକୁ କୁକୁଡ଼ା ଖାଦ୍ୟ ଭାବେ ବ୍ୟବହାର<br>କୁକୁଡ଼ା ପ୍ରଜନନ<br>କୁକୁଡା ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଚିଆଁ ସଂଖ୍ୟା ବୃଦ୍ଧି କରିବା ପଦ୍ଧତି<br>ଜୈବ ନିରାପତ୍ତା<br>ମରିଯାଇଥିବା କୁକୁଡାକୁ ନଷ୍ଟ କରିବା ପଦ୍ଧତି<br>ଓଜନ ଅନୁସାରେ କୁକୁଡ଼ା ବିକ୍ରୟ | ଦଳଗତ ଆଲୋଚନା |
| ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ଅଧିବେଶନ | କୁକୁଡ଼ା ଟିକାକରଣ ସମ୍ବନ୍ଧରେ ଧାରଣା<br>ଗାଁରେ କୁକୁଡ଼ା ଟିକାକରଣ ପୂର୍ବ ପ୍ରସ୍ତୁତି | |
| ସନ୍ଧ୍ୟା | ନିକଟସ୍ଥ ଗ୍ରାମକୁ ଯାଇ କୁକୁଡ଼ା ଟିକାକରଣ<br>ପ୍ରଶିକ୍ଷାର୍ଥୀଙ୍କ ଅଭିଜ୍ଞତା ବିଷୟରେ ଆଲୋଚନା<br>ମୌଖିକ ପ୍ରଶ୍ନ ଜରିଆରେ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ବିଷୟରେ ଜାଣିବା<br>ମତାମତ ସଂଗ୍ରହ<br>ତାଲିମ୍ ସମାପ୍ତ | |